

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୨୦ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 20 SEPTEMBER 2022

Vol.No. 35 ■ No. 246 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :

ସୁବର୍ଣ୍ଣଶ୍ରୀ ପ୍ରକାଶିନୀ

ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ଶେଷଯାତ୍ରାରେ ବ୍ରିଟେନ ରାଣୀ ଏଲିଜାବେଥ ଦ୍ୱିତୀୟ: ରାଜକୀୟ ପ୍ରଥା ଅନୁଯାୟୀ ଚାଲିଛି ଶେଷକୃତ୍ୟ



ନୂଆଦିଲ୍ଲୀ,୧୯/୦୯ (ନି.ପ୍ର): ସୁସଜ୍ଜିତ କଫିନରେ ରାଜକୀୟ ପରମ୍ପରା ଅନୁଯାୟୀ ରାଣୀଙ୍କୁ ଅନ୍ତିମ ସଂସ୍କାର ପାଇଁ ନିଆଯାଉଛି । ଆଉ କଫିନ ପଛରେ ଅଛନ୍ତି ବ୍ରିଟେନର ରାଜା ତଥା ରାଣୀଙ୍କ ପୁଅ ଚାର୍ଲ୍ସଙ୍କ ସମେତ ରାଜପରିବାର ଅନ୍ୟ ସସସ୍ୟ ଏବଂ ବିଭିନ୍ନ ଦେଶରୁ ଆସିଥିବା ନେତା । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଶେଷକୃତ୍ୟୁ ଉପରେ ସାରା ବିଶ୍ୱର ନଜର ରହିଥିଲା । ଅନ୍ତିମ ସଂସ୍କାର ସ୍ଥାନରେ ହଜାର ହଜାର ଅନୁଗାମୀ ଉପସ୍ଥିତ ଥିଲେ । କିନ୍ତୁ ପରିବେଶ ଥିଲା ପୁରା ଶାନ୍ତ । ୧୦ ଦିନର ଶୋକ ପ୍ରକାଶନ ପରେ ସୋମବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ୧୯୬୫ ମସିହା ପରେ ଇଂଲଣ୍ଡରେ ପ୍ରଥମ ଥର ପାଇଁ ଏଭଳି ଶେଷକୃତ୍ୟର ଆୟୋଜନ କରାଯାଇଥିଲା । ଏହା ପୂର୍ବରୁ ଇଲଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ୱିନଷ୍ଟନ୍ ଚର୍ଚ୍ଚିଲ ମୃତ୍ୟୁ ସମୟରେ ଏଭଳି ଶେଷକୃତ୍ୟର ଆୟୋଜନ କରାଯାଇଥିଲା । ଇଂଲଣ୍ଡର ସମୟ ଅପରାହ୍ଣ ୩.୩୦ ମିନିଟରେ ସୋମବାର ଶେଷକୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପରେ ୱେଷ୍ଟମିନିଷ୍ଟର ହଲର କବାଟ ଖୋଲାଯାଇଥିଲା । ରାଣୀଙ୍କ କଫିନକୁ ରୟାଲ ନେଭିର ସଶସ୍ତ୍ର ସେନା ହଲ ଭିତରକୁ ନେଇଥିଲେ । ତାଙ୍କ ପଛେ ପଛେ ରାଜା ଚାର୍ଲ୍ସ ଏବଂ ଅନ୍ୟ ରାଜବଂଶୀୟମାନେ ଆସିଥିଲେ । ଶେଷକୃତ୍ୟ ଆରମ୍ଭ ହେବାର ଘଂଟାଏ ପରେ ପୁରା ଦେଶରେ ଦୁଇ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ରାଣୀଙ୍କ ଶେଷକୃତ୍ୟୁ ଦେଖିବା ପାଇଁ ବିଭିନ୍ନ ଦେଶରୁ ପ୍ରାୟ ୧୦ ଲକ୍ଷ ଲୋକ ଇଂଲଣ୍ଡ ଆସିଥିଲେ । ସୁରକ୍ଷା ଦୃଷ୍ଟିରୁ ଶହ ଶହ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା । ରାଣୀଙ୍କ ଶେଷକୃତ୍ୟ କାର୍ଯ୍ୟକ୍ରମର ସୁରକ୍ଷା ପାଇଁ ୫୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ରାଜ ପରିବାର ଇତିହାସରେ ପ୍ରଥମ ଥର କୌଣସି ସଦସ୍ୟଙ୍କ ଶେଷକୃତ୍ୟରେ ଏତେ ଅର୍ଥ ଖର୍ଚ୍ଚ ହୋଇଥିବା କୁହାଯାଉଛି । ଭାରତର ରାଷ୍ଟ୍ରପତି ଦୌପଦୀ ମୁର୍ମୁ, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମେତ ପ୍ରାୟ ୫ ଶହ ଦେଶର ନେତା ଶେଷକୃତ୍ୟ ସମାରୋହରେ ସାମିଲ ହୋଇ ସମବେଦନା ଜଣାଇଛନ୍ତି । କୁହାଯାଉଛି ବିଶ୍ୱର କୌଣସି ନେତାଙ୍କର ଏଭଳି ଶେଷକୃତ୍ୟ କେବେ ହୋଇନଥିଲା ।

## ବିଶ୍ୱ ଦେଖିଲା ପ୍ରକୃତିର ତାଣ୍ଡବ : ଜାପାନରେ ମାଡ଼ ହେଲା ସୁପର ଟାଇଫୁନ୍ 'ନାନମାଡୋଲ୍'



ନୂଆଦିଲ୍ଲୀ,୧୯/୦୯ (ନି.ପ୍ର): ସୁପର ଟାଇଫୁନ୍ ନାନ୍ମାଡୋଲ୍ ଦକ୍ଷିଣ ଜାପାନରେ ମାଡ଼ ହେବା ପରେ ଛାତି ଥରାଇ ଦେଇଛି ଏହାର କରାଳ ରୂପ । ଉପକୂଳକୁ ମାଡ଼ି ଆସିଛି ସମୁଦ୍ର । ଜୁଆର ଏତେ ଉପରକୁ ଉଠିଛି, ସେହି ଚିତ୍ର ଭୟ ସୃଷ୍ଟି କରିଛି । ରାସ୍ତା ଡେଇଁ ସମୁଦ୍ର ପାଣି ସହର ଭିତରକୁ ପଶି ଯାଇଥିବା ବେଳେ ଘଣ୍ଟା ପ୍ରତି ପ୍ରାୟ ୨୪୦ କିଲୋମିଟର ବେଗରେ ପବନ ବହିଛି । ଅସ୍ତବ୍ୟସ୍ତ ହୋଇ ଉଠିଛି ଜନଜୀବନ । ବଡ଼ ବଡ଼ ଗଛ, ବିଦ୍ୟୁତ ଭିତ୍ତିଭୂମି, ବଡ଼ ବଡ଼ କୋଠା ପ୍ରଭାବିତ ହୋଇଛି । ସୁପର ଟାଇଫୁନ୍ ପ୍ରଭାବରେ ଏତେ ବର୍ଷା ହୋଇଛି ଯେ ରାସ୍ତା ଉପରେ ପାଣିର ସୁଅ ଛୁଟୁଛି । କିଛି ସ୍ଥାନରେ ୨୪ ଘଣ୍ଟା ଭିତରେ ୪୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସରକାରୀ ସୂତ୍ରରୁ ୨ ଜଣଙ୍କ ମୃତ୍ୟୁ, ୯୦ରୁ ଅଧିକ ଆହତ ହୋଇଥିବା ସୂଚନା ମିଳିଛି । ସାଢ଼େ ୩ ଲକ୍ଷ ପରିବାରରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି । ସାମୁଦ୍ରିକ ଝଡ଼ ସହ ବନ୍ୟା ଓ ଭୂସ୍ଖଳନ ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଛି । ଯାତାୟାତ ଓ ପରିବହନ ବାଧାପ୍ରାପ୍ତ ହୋଇଛି । ବୁଲେଟ୍ ଟ୍ରେନ ସେବା, ୬୦୦ରୁ ଅଧିକ ଫ୍ଲାଇଟ୍ ବାତିଲ କରାଯାଇଛି । ଲକ୍ଷାଧିକ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି । ୯୦ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ଚାଲିଯିବାକୁ ପରମର୍ଶ ଦିଆଯାଇଛି । 'କ୍ୟୁସୁ' ଅଞ୍ଚଳର କାଗୋସିମା ସହର ନିକଟରେ ଲ୍ୟାଣ୍ଡପଲ ହେବା ପରେ ଜାପାନର ପୂର୍ବ ଦିଗକୁ ଗତି କରୁଛି 'ନାନମାଡୋଲ୍' । ବୁଧବାର ସୁଦ୍ଧା 'ହଂସୁ' ଦୀପ ଦେଇ ସୁପର ଟାଇଫୁନ୍ ଅତିକ୍ରମ କରିବ ବୋଲି ପୂର୍ବାନୁମାନ କରାଯାଇଛି ।

▶▶ପୃଷ୍ଠା ୭

## ପାକିସ୍ତାନ ଡ୍ରୋନ୍‌ରେ ଅଟାରୀ ସୀମାରେ ପଂଜାବରେ ପକାଇଲା ପିସ୍ତଲ ଏବଂ ଡ୍ରଗ

ଚଣ୍ଡୀଗଡ,୧୯/୦୯ (ନି.ପ୍ର): ପାକିସ୍ତାନ ପୁଣିଥରେ ଡ୍ରୋନ୍‌ରେ ଅନୁପ୍ରବେଶ କରି ପଂଜାବରେ ପିସ୍ତଲ ଏବଂ ଡ୍ରଗ୍ସ ପକାଇଛି । ଏହାପରେ ବିଏସ୍‌ଏଫ୍ ସମସ୍ତ କ୍ଷେତ୍ରରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁସାରେ ପାକିସ୍ତାନର କଳା ବେପାରୀମାନେ ସୋମବାର ଅଲ୍ ସୁବହ ପାଖାପାଖି ତିନିଟାରେ ଅଟାରୀ ବର୍ଡ଼ରରୁ ସଟେ ଗାଆଁ ପୁଲ ମୋରାର ବିଓପିରେ ଡ୍ରୋନ୍ ଜରିଆରେ ଅନୁପ୍ରବେଶ କରିବାର ଚେଷ୍ଟା କରିଥିଲା । ସତର୍କ ବିଏସ୍‌ଏଫ୍‌ର ଯବାନମାନେ ଡ୍ରୋନ୍‌ର ପିଛା କରିଥିଲେ । ଡ୍ରୋନ୍ କିଛି ଦୂରତାରେ କ୍ଷେତରେ କଳାରଙ୍ଗର ପ୍ୟାକେଟ୍ ପକାଇ କ୍ଷୀପ୍ର ଗତିରେ ପାକିସ୍ତାନ ସୀମାକୁ ଚାଲିଯାଇଥିଲା । ଏହି ପ୍ୟାକେଟ୍‌ରେ ତିନି ଛୋଟ ପ୍ୟାକେଟ୍ ହିରୋଇନ୍‌ରେ ଭର୍ତି ମିଳିଥିଲା । ଏହାର ଓଜନ ପାଖାପାଖି ତିନି କିଲୋଗ୍ରାମ ଅଟେ ।

## ପୁଣି କଂଗ୍ରେସ ମଙ୍ଗ ଧରିବେ ରାହୁଲ ! ସଙ୍କଳ୍ପ ପାରିତ କଲେ ୩ ରାଜ୍ୟ କଂଗ୍ରେସ



ନୂଆଦିଲ୍ଲୀ,୧୯/୦୯ : କଂଗ୍ରେସର ନୂଆ ସଭାପତି କିଏ ହେବ ତାକୁ ନେଇ ଚର୍ଚ୍ଚା ଲାଗିରହିଥିବା ବେଳେ ପୁଣି ଥରେ ରାହୁଲ ଗାନ୍ଧୀଙ୍କୁ ଦଳର ମୁଖିଆ ପଦବୀରେ ବସାଇବା ପାଇଁ ଦାବି ଜୋର ଧରିଛି । ରାଜସ୍ଥାନ ପରେ ଛତିଶଗଡ଼ ଏବଂ ଗୁଜରାଟ କଂଗ୍ରେସ ରାହୁଲଙ୍କୁ ପୁଣି ଥରେ କଂଗ୍ରେସର ମଙ୍ଗ ଧରିବାକୁ ସଙ୍କଳ୍ପ ପାରିତ କରିଛି । ଗୁଜରାଟରେ ଦଳର ସଭାପତି ଜଗଦୀଶ ଠାକୁର ପିସିସି କର୍ମକର୍ତା ବୈଠକରେ ଆଣିଥିବା ଏହି ପ୍ରସ୍ତାବକୁ ସମସ୍ତେ ସମର୍ଥନ ଜଣାଇଛନ୍ତି । ସେହିପରି ଛତିଶଗଡ଼ରେ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ସିଂ ବାଘେଲ ରାହୁଲଙ୍କୁ ସଭାପତି କରିବାକୁ ଆଣିଥିବା ପ୍ରସ୍ତାବ ମଧ୍ୟ ନିଦ୍ୱର୍ନ୍ଦରେ ପାରିତ ହୋଇଛି । ପୂର୍ବରୁ ରାଜସ୍ଥାନ କଂଗ୍ରେସ ଏନେଇ ସଙ୍କଳ୍ପ ପାରିତ କରିଥିବାରୁ ରାହୁଲ ପୁଣି ଥରେ କଂଗ୍ରେସ ମଙ୍ଗ ଧରିବେ ବୋଲି କୁହାଯାଉଛି । ଆସନ୍ତା ଅକ୍ଟୋବର ୧୯ ତାରିଖରେ କଂଗ୍ରେସ ସଭାପତି ନିର୍ବାଚନ ହେବାକୁ ଥିବା ବେଳେ ରାହୁଲଙ୍କୁ ସଭାପତି କରିବାକୁ ଦଳର ବରିଷ୍ଠ ନେତାମାନେ ସମର୍ଥନ ଜଣାଇଛନ୍ତି ।

▶▶ପୃଷ୍ଠା ୭

## ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩ ପ୍ରତିଶତ ବୃଦ୍ଧି : ପିଛିଲା ଭାବେ ଜାନୁଆରୀ ୨୦୨୨ରୁ ଲାଗୁ ହେବ

ଭୁବନେଶ୍ୱର,୧୯/୦୯ (ନି.ପ୍ର): -ରାଜ୍ୟ ସରକରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତା ୩୧ ପ୍ରତିଶତରୁ ୩୪ ପ୍ରତିଶତକୁ ବୃଦ୍ଧି ପାଇଲା । ଏହା ୧.୧.୨୦୨୨ରୁ ପିଛିଲା ଭାବରେ ଲାଗୁ କରାଯାଇଛି । ସଂଶୋଧିତ ହାରରେ ପେନ୍‌ସନ ପାଉଥିବା ପେନ୍ ସନଭୋଗୀ ମାନଙ୍କ ଟି.ଆଇରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି । କର୍ମଚାରୀ ଓ ପେନସନଭୋଗୀ ମାନେ ଚଳିତ ମାସର ଦରମାରେ ଏହି ବର୍ଦ୍ଧିତ ଭତା ପାଇବା ସହିତ ୨୦୨୨ ଜାନୁଆରୀରୁ ଅଗଷ୍ଟ ପର୍ଯ୍ୟନ୍ତ ବକେୟା ଭତା ଅଲଗା ଭାବେ ପ୍ରଦାନ କରାଯିବ । ଏହାଦ୍ୱାରା ରାଜ୍ୟ ସରକାରଙ୍କ ୪ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନ୍ସନଭୋଗୀ ଉପକୃତ ହେବେ ।

## ବିଜେପି ବିଧାୟକ ତଥା ଘାସଫୁଲର ସମ୍ପାଦକ ବିଷ୍ଣୁ ସେଠୀଙ୍କ ପରଲୋକ



ଭୁବନେଶ୍ୱର,୧୯/୦୯ (ନି.ପ୍ର): ବିଜେପିର ବରିଷ୍ଠ ନେତା, ବିରୋଧୀ ଦଳର ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ହୋଇଥିଲା । ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳ ସମୟରେ ତାଙ୍କର ଦେହାନ୍ତ ହୋଇଥିବା ନେଇ ଏମ୍ସ ଆଡିସନାଲ ସୁପରିଟେଣ୍ଡେଂଟ ସୂଚନା ଦେଇଛନ୍ତି । ସେ କିଡନୀ ରୋଗଜନିତ ଅସୁସ୍ଥତା ଯୋଗୁଁ ପାଖାପାଖି ମାସେ ହେଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ତାଙ୍କର ବିୟୋଗରେ ରାଜ୍ୟରେ ଶୋକର ଛାୟା ଖେଳି ଯାଇଛି । ବିଷ୍ଣୁ ସେଠୀଙ୍କ ବିୟୋଗରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ, ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ଓଡିଶାର ବହୁ ମନ୍ତ୍ରୀ, ରାଜନେତା, ଦଳୀୟ କର୍ମକର୍ତା ଭୁବନେଶ୍ୱର ଏମସ୍ ରେ ପହଂଚି ତାଙ୍କର ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପାର୍ଥିବ ଶରୀରକୁ ହସ୍ପିଟାଲରୁ ଓଡିଶା ବିଧାନସଭାକୁ ନିଆଯାଇଥିଲା । ସେଠାରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସମେତ ବହୁ ବିଧାୟକ ଶେଷ ଦର୍ଶନ କରିଥିଲେ । ଏହାପରେ ତାଙ୍କ ମର ଶରୀରକୁ ବିଜେପି ରାଜ୍ୟକାର୍ଯ୍ୟାଳୟ ନିଆଯାଇଥିଲା ।

▶▶ପୃଷ୍ଠା ୭

## ଗୌରହରି ଦାସ ପାଇବେ ଶାରଳା ପୁରସ୍କାର



ଭୁବନେଶ୍ୱର,୧୯/୦୯ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ତଥା କଥାକାର ଡ. ଗୌରହରି ଦାସ ପାଇବେ ମର୍ଯ୍ୟାଦାଜନକ ଶାରଳା ପୁରସ୍କାର । ୨୦୧୮ ମସିହାରେ ପ୍ରକାଶିତ ଗଳ୍ପ ପୁସ୍ତକ 'ବାଘ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ଅକ୍ଟୋବର ୨୬ ତାରିଖରେ ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଡ. ଦାସଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯିବ । ତାଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ପାଂଚଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ । ସେଥିପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା । ଭଦ୍ରକ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିବା ଡ. ଗୌରହରି ଦାସଙ୍କ ପିଲାବେଳ ସଂଘର୍ଷମୟ ଥିଲା । ସ୍କୁଲ ଶିକ୍ଷା ସରିବା ପରେ କଟକ ରେଭେନ୍ସା ଇଭିନିଂ କଲେଜରେ ସ୍ନାତକ ଶିକ୍ଷା ଶେଷ କରିଥିଲେ । ତା'ପରେ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ଏମ୍‌ଏ କରିଥିଲେ । ପାଠପଢ଼ା ସହିତ ଲେଖାଲେଖି କରୁଥିଲେ । ଉଭୟ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ଗୌରହରି ଦାସଙ୍କ ପ୍ରଥମ ଗଳ୍ପ ସଙ୍କଳନ 'ଜୁଆର ଭଟ୍ଟା' ୧୯୮୧ ମସିହାରେ ପ୍ରକାଶ ପାଇଥିଲା । ଦୈନିକ ସମ୍ବାଦପତ୍ର 'ସମ୍ବାଦ'ରେ କାର୍ଯ୍ୟକରୁଥିବା ଗୌରହରିଙ୍କ ସ୍ତମ୍ଭ 'ଜୀବନର ଜଳଛବି' ବେଶ୍ ଲୋକପ୍ରିୟ । ଗୌରହରିଙ୍କ ଗଳ୍ପ ସଙ୍କଳନ ମଧ୍ୟରେ ରହିଛି- ଆଖଡ଼ା ଘର, ସ୍ୱପ୍ନ ପାଇଁ ରାତି କାହିଁ, ମାଟି କଣ୍ଢେଇ, ମାୟା, ଘର, କାଗଜଡ଼ଙ୍ଗା, ଅହଲ୍ୟାର ବାହାଘର ।

▶▶ପୃଷ୍ଠା ୭

## କଟକରୁ ପୁଣି ନକଲି ଔଷଧ ଜବତ

ଭୁବନେଶ୍ୱର,୧୯/୦୯ (ନି.ପ୍ର): କଟକରୁ ପୁଣି ନକଲି ଔଷଧ ଜବତ ହୋଇଛି । ଦୋଳମୁଣ୍ଡାଇ ମହତାବ ରୋଡ ସ୍ଥିତ ଏକ ଟ୍ରାନ୍ସପୋର୍ଟରୁ ନକଲି ଔଷଧ ଜବତ କରିଛି ପୁରୀଘାଟ ଥାନା ପୋଲିସ । ଭି ଆର ଡ୍ରଗ ଏଜେନ୍ସି ଏହି ନକଲି ଔଷଧ କଲିକତାରୁ ମଗାଇଥିଲା । ଭି ଆର ଡ୍ରଗ ଏଜେନ୍ସିର ମାଲିକ ରାହୁଲ କ୍ୟାଲଙ୍କୁ ଗିରଫ କରାଯାଇଛି । ଜବତ ଔଷଧ ରକ୍ତଚାପ ରୋଗୀ ଖାଉଥିବା ଟେଲମା ୪୦ ଓ ଟେଲମା ଏ ଏମ ବୋଲି ଜଣାଯାଇଛି । ଜବତ ଔଷଧର ମୂଲ୍ୟ ତିନି ଲକ୍ଷ ଟଙ୍କା ହେବ । ସୂଚନାଯୋଗ୍ୟ, ନକଲି ଉଚ୍ଚ ରକ୍ତଚାପ ଔଷଧ କାରବାରରେ ସଂପୃକ୍ତ ଦୁଇ ଔଷଧ ଡିଲର ରାହୁଲ କ୍ୟାଲ୍ ଏବଂ ସଞ୍ଜୟ ଜଲାନଙ୍କୁ ଗିରଫ କରାଯାଇଛି ।

## ଦୁର୍ଗାପୂଜା ମଣ୍ଡପ ଜଗିବ ସିସିଟିଭି !



ଭୁବନେଶ୍ୱର,୧୯/୦୯ (ନି.ପ୍ର): ପାର୍ବଣ ଋତୁରେ ଅପରାଧ ବଢ଼ିବାର ସମ୍ଭାବନା ଥିବାରୁ କଡା ସୁରକ୍ଷା ବ୍ୟବସ୍ଥା କରିଛି କମିଶନରେଟ୍ ପୋଲିସ୍ । ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଗଣମାଧ୍ୟମକୁ କହିଛନ୍ତି ଯେ ସମସ୍ତ ଦୁର୍ଗପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ରହିଛି । ଏ ନେଇ ପୂଜା କମିଟି ସହ ଆଲୋଚନା ହୋଇଛି । ଛିନତାଇ ରୋକିବା ପାଇଁ ଟିମ ଗଠନ ହୋଇଛି । ସମସ୍ତ ସ୍ଥାନରେ ସାଦା ପୋଷାକରେ ରହିବେ ପୁଲିସ । ଟ୍ରାଫିକ ସମସ୍ୟା ରୋକିବା ପାଇଁ ବ୍ୟାପକ ପ୍ରସ୍ତୁତି ରହିଛି । ମେଢ଼, ମେଲୋଡି ଓ ମିନାବଜାର ପାଇଁ କେତେକ ରାସ୍ତା ଗହଳି ହୋଇପାରେ । ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ସମସ୍ତ ବନ୍ଦୋବସ୍ତ ହୋଇଛି । ପେଶାଦାର ଅପରାଧୀଙ୍କ ଉପରେ କଡ଼ା ନଜର ରଖାଯାଇଛି । ପୁରା ରାଜଧାନୀର କୋଣ ଅନୁକୋଣରେ ସିସିଟିଭି ନଜର ରଖିଛି । ରାଜଧାନୀର ପ୍ରବେଶ ଓ ପ୍ରସ୍ଥାନ ଜାଗାରେ ନାକାବନ୍ଦୀ ଚାଲିଛି । ଦଫା ୧୧୦ ଲାଗିଥିବା ଅଭିଯୁକ୍ତ ଥାନାରେ ହାଜିରା ଦେବେ । ସମୟରେ ହାଜିରା ନଦେଲେ ପେଶାଦାର ଅପରାଧୀ ବନ୍ଧା ହେବେ । ବ୍ରାଉନସୁଗର, ନକଲି ମଦ ପାଇଁ ଦୈନନ୍ଦିନ ଚଢ଼ାଉ ଚାଲିଛି । ହ୍ୱାଇଟ୍ ସ୍ୱାଇଡର ଅପରେସନ ପ୍ରତେକ ଥାନାରେ ଚାଲିଛି । ଚଳିତ ମାସ ୧ ତାରିଖରୁ ୧୯ ତାରିଖ ମଧ୍ୟରେ ୩୮ ମାମଲା ରୁଜୁ ହୋଇଛି । ଡିସିପି କହିଛନ୍ତି ଯେ, ବ୍ରାଉନସୁଗର ଜବତ ଘଟଣାରେ ୨୫ଟି ଓ ୧୩ଟି ଗଞ୍ଜେଇ କେସ ରୁଜୁ ହୋଇଛି । ୪୬୬ ଗ୍ରାମ ବ୍ରାଉନସୁଗର ସହ ୨ ଲକ୍ଷ ୬୯ ହଜାର ଟଙ୍କା ଠାବ ହୋଇଛି । ପାଖାପାଖି ୨ କୁଇଂଟାଲ ଗଞ୍ଜେଇ ଜବତ ହୋଇଛି ।

## ନିଜ ଦଳ ସହ ବିଜେପିରେ ମିଶିଲେ କ୍ୟାପଟେନ୍




ନୂଆଦିଲ୍ଲୀ,୧୯/୦୯ (ନି.ପ୍ର): ଯାହା ଚର୍ଚ୍ଚା ହେଉଥିଲା ତାହା ହିଁ ଘଟିଲା । ବିଜେପିରେ ମିଶିଲେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପଟ୍ଟେନ୍ ? ଅମରିନ୍ଦର ସିଂହ । ଏଥିସହ ନିଜ ନୂଆ ଦଳ ପଞ୍ଜାବ ଲୋକ କଂଗ୍ରେସକୁ ବିଜେପିରେ ବିଲୀନ କରିଛନ୍ତି କ୍ୟାପଟ୍ଟେନ । ପଞ୍ଜାବ ନିର୍ବାଚନ ପୂର୍ବରୁ ଅମରିନ୍ଦର କଂଗ୍ରେସ ଛାଡ଼ି ନୂଆଦଳ ଗଠନ କରିଥିଲେ । ଆଜି ବିଜେପି ନେତା ତଥା ଆଇନମନ୍ତ୍ରୀ କିରଣ ରିଜିଜୁ ଏବଂ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କ ଉପସ୍ଥିତିରେ କ୍ୟାପଟ୍ଟେନ୍ ପଦ୍ମପୋଖରୀରେ ପ୍ରବେଶ କରିଛନ୍ତି । ବିଜେପିରେ ଯୋଗ ଦେଇ ସେ ଖୁସିଥିବା କ୍ୟାପଟ୍ଟେନ କହିଛନ୍ତି । ଲଣ୍ଡନରେ ମେରୁଦଣ୍ଡ ଅସ୍ତ୍ରୋପଚାର ପରେ ଭାରତ ଫେରିଥିବା ଅମରିନ୍ଦର ଗତ ଦୁଇ ସପ୍ତାହ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକାଧିକ ଥର ଭେଟିଥିଲେ । ଏହାକୁ ନେଇ ବିଜେପିରେ ତାଙ୍କର ମିଶ୍ରଣକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା । ଗତ ବର୍ଷ ଅମରିନ୍ଦର ସିଂହ ପଞ୍ଜାବ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଦୀର୍ଘ ଦିନ ଧରି ପଞ୍ଜାବ କଂଗ୍ରେସରେ କନ୍ଦଳ ବଢ଼ିବାରେ ଲାଗିଥିଲା । ଦଳୀୟ ଅନ୍ତଃକନ୍ଦଳରେ ଅତିଷ୍ଠ ହୋଇ ଇସ୍ତଫା ଦେଇଥିଲେ । ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ ମନୋମାଳିନ୍ୟ ପରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଦଳରେ ତାଙ୍କୁ ଅପମାନିତ କରାଯାଇଛି ବୋଲି ସେ ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଥିଲେ । ତାଙ୍କ ଇସ୍ତଫା ପରେ କଂଗ୍ରେସ ପକ୍ଷରୁ ଚରଣଜିତ ସିଂ ଚନ୍ନିଙ୍କୁ ନୂଆ ମୁଖ୍ୟମନ୍ତ୍ରୀ କରାଯାଇଥିଲା ।

▶▶ପୃଷ୍ଠା ୭

# ସ୍ୱଚ୍ଛ ଭାରତ ସଂଗଠନ ପକ୍ଷରୁ ବୁଢାରଜା ମନ୍ଦିରରେ ସଫେଇ ଅଭିଯାନ

ସୁବର୍ଣ୍ଣପୁର,୧୯/୦୯ (ନି.ପ୍ର): ସୁବର୍ଣ୍ଣପୁର ସହରକୁ ସ୍ୱଚ୍ଛ ସୁନ୍ଦର ଓ ପଲିଥିନ ମୁକ୍ତ ସହର ଭାବେ ଗଢ଼ି ତୋଳିବାକୁ ଅଂଟା ଭିଡିଛି ସୋନପୁରର ଅଗ୍ରଣୀ ସ୍ୱଚ୍ଛ ଭାରତ ସଂଗଠନ ଏବଂ ତାଙ୍କୁ ସହଯୋଗ କରୁଛନ୍ତି ସୋନପୁର କଲେଜ ଲେଫ୍ଟନେଂଟ ଆଶିଷ ଆଗ୍ରୱାଲାଙ୍କ ଏନସିସି ଟ୍ରୁପ ଓ ଅନେକ ସଂଗଠନ। ଦୀର୍ଘ ବର୍ଷରୁ ଏ ସଂଗଠନ ତେଲ ନଦୀ, ମହାନଦୀ, ମେଡିକାଲ, ବିଭିନ୍ନ ସ୍କୁଲ କଲେଜ, ରାସ୍ତା ଘାଟ, ଯାନି ଯାତ୍ରା ଓ ବିଶେଷ କରି ସମସ୍ତ ମନ୍ଦିର ପର୍ଯ୍ୟଟନ କ୍ଷେତ୍ର ମାନଙ୍କରେ ସ୍ୱଚ୍ଛତା କାର୍ଯ୍ୟ ସହିତ ପଲିଥିନ ସବୁକୁ ଗୋଟାଇ ସହରକୁ ସ୍ୱଚ୍ଛ ରଖିବାକୁ ଓ ପଲିଥିନର ଅପ ବ୍ୟବହାର ରୋକିବାକୁ ଜନସାଧାରଣଙ୍କୁ ଏ ଶିବିର ମାଧ୍ୟମରେ ସଚେତନତା ବାର୍ତା ଦେଉଛନ୍ତି। ଏହି ସ୍ୱେଚ୍ଛାସେବୀଙ୍କ ମହତ ସେବା କାର୍ଯ୍ୟକୁ ଦେଖି ସହରର କେତେକ ବଡ଼ ବଡ଼ ମନ୍ଦିରର ପୂଜକ ଓ କମିଟି ଖୁବ ସଚେତନ ହୋଇ ପଡ଼ିଥିବା ଜଣାଯାଇଛି। ବିଶ୍ୱ ପ୍ରସିଦ୍ଧ ମହାବଳୀ ଯାତ୍ରାର ମହାଳୟା ପୂଜା ଅବସରରେ ଆଜି ସହରର ବୁଢାରଜା ମନ୍ଦିରରେ ସ୍ୱଚ୍ଛ ଭାରତ ପକ୍ଷରୁ ପଲିଥିନ ମୁକ୍ତ ଅଭିଯାନ କରାଯାଇ ଗଦା ଗଦା ପଲିଥିନ ଓ ଅଳିଆ ସବୁ ଗୋଟା ଯାଇଥିଲା। ବିଗତ ମାସରେ ସୁବର୍ଣ୍ଣପୁର ଏସପିଙ୍କ ନେତୃତ୍ୱରେ ସୋନପୁର ପୋଲିସ, ସ୍ୱଚ୍ଛ ଭାରତ ଓ ସହରର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୩୦୦ ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ସହରର ବୁଢାରଜା ଛକରୁ କଚେରୀ ଛକ ଯାଏ ଶହ ଶହ ବସ୍ତା ପଲିଥିନ ଓ ଅଳିଆ ଆବର୍ଜନାକୁ ସଫା କରାଯାଇ ଏକ ମେଗା ସଚେତନତା ଅଭିଯାନ କରାଯାଇଥିଲା। ପ୍ରକାଶ ଥାଉ କି, ସୁବର୍ଣ୍ଣପୁର ପୌର ପ୍ରଶାସନର ଭିଜନ କ୍ଲିନ ସୋନପୁର ଅଭିଯାନ ଯେତିକି ମିଟିଙ୍ଗ ଇଟିଙ୍ଗ ଓ କାଗଜପତ୍ରରେ ବହୁ ଆଡମ୍ବରରେ ଚାଲିଛି ସେଇ ପରିମାଣରେ କିନ୍ତୁ କାର୍ଯ୍ୟ କରୁନଥିବା ବିଷୟକୁ ନେଇ ଏବେ ସହରର ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ତାକୁ କିନ୍ତୁ କିଛି ମାତ୍ରାରେ କାର୍ଯ୍ୟରେ ପରିଣତ କରିବାକୁ ଅଂଟା ଭିଡ଼ିଛନ୍ତି ସହରର କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସଚେତନ ନାଗରିକ। ସ୍ୱଚ୍ଛ ଭାରତ ସଭାପତି ଲକ୍ଷ୍ମୀ ନାରାୟଣ ମେହେର ଓ ଉଦ୍ୟୋକ୍ତା ସୟଦ ଅଲିମୁଲ ଇସଲାମ, ଶ୍ରୀବତ୍ସ ମଲ୍ଲିକ, ବିନୋଦ ମେହେରଙ୍କ ପରାମର୍ଶରେ କୋଡିନେଟର ମନୋରଞ୍ଜନ ତ୍ରିପାଠୀଙ୍କ ସଂଯୋଜନାରେ ଏବଂ ଉପଦେଷ୍ଟା ଗରିବ ଲୋଇ, ଅଶୋକ ହୋତା, ରାମଚନ୍ଦ୍ର ଅଗ୍ରୱାଲା, ଗଣେଶ ମିଶ୍ର, ଉପ ସଭାନେତ୍ରୀ ଇନ୍ଦୁମତୀ ପୁରୋହିତ, ଅଭିମନ୍ୟୁ କୁଶଳ, ଲଡ୍ଡୁ କିଶୋର ମଲ୍ଲିକ, ପୋଲିସ ଆରଆଇ ପ୍ରଦ୍ୟୁମ୍ନ ପଟେଲ, ମନୋଜ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡା. ସୁନୀଲ ମହାପାତ୍ର, ଅନନ୍ତ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ବିଶି, ପଦ୍ମାବତୀ ମେହେର, ବାସନ୍ତି ମେହେର, ସୌରଭ ଖମାରି, ଆରତୀ ଖମାରି, ଦିଲ୍ଲୀପ ଭୁକ୍ତା, ସିମାଂଚଳ ହୋତା, କାନ୍ହୁ ସାହୁ, ରୋମୁ ତିୱାର, ଜୟ ନାରାୟଣ ସାହୁ, ସଂଜୀବ ପାଢ଼ୀ, ପ୍ରମୋଦ ମାହାନା, ତରଣୀ ମେହେର, ପ୍ରମୋଦ କୁମାର ସାହୁ, ପ୍ରଫୁଲ୍ଲ ନାଏକ, ନାରାୟଣ ରଥ, ପ୍ରତାପ ଦାଶ, ସଂଗୀତା ନାଏକ, ଜୟନାରାୟଣ ସାହୁ, ଡା, ସରୋଜ ପଟେଲ, ସୁଶାନ୍ତ ସାହୁ, ଜୟନ୍ତ ବେହେରା, ବୃନ୍ଦାବନ ରଥ, ଜୟନ୍ତୀ ରଥ, ପ୍ରହଲ୍ଲାଦ ମିଶ୍ର, ଅମର ଭୁତ, ତ୍ରିଲୋଚନ ତରିଆ, ଚୌଧୀରି ବିଭାର, କ୍ରିଷ୍ଣା ମେହେର, ସୁରଭି ପ୍ରିୟଦର୍ଶନୀ, ଶୁଭମ ହୋତା, ଗୋପେଶ ଭୁତ, ମନୀଷା ବେହେରା, ପ୍ରମୁଖ ସମସ୍ତ ସଭ୍ୟଙ୍କ ସହଯୋଗରେ ସୋନପୁର ମନମୁଣ୍ଡା ଉଭୟ ସହରରେ ସଫେଇ ଓ ପଲିଥିନ ମୁକ୍ତ ସଚେତନତା ଅଭିଯାନ ଅନବରତ ଭାବେ ଜାରି ରହିଛି। ସଂଗଠନର ସଭାପତି ଲକ୍ଷ୍ମୀ ନାରାୟଣ ମେହେର ଓ ଉପଦେଷ୍ଟା ଗରିବ ଲୋଇଙ୍କ ଆରୋଗ୍ୟ କାମନା କରି ଆଜି ସଂଗଠନ ପକ୍ଷରୁ ସାମୁହିକ ପ୍ରାର୍ଥନା କରା ଯାଇଥିବା ପ୍ରକାଶ।

# କୋରାପୁଟରେ ବିଜେଡିର ଗୁପ୍ତ ବୈଠକ

କୋରାପୁଟ ,୧୯/୦୯ (ନି.ପ୍ର): କୋରାପୁଟରେ ବିଜେଡିର ଗୋଟିଏ ଗୋଷ୍ଠୀ ରବିବାର ଦିନ ଏକାଠି ହୋଇ ଗୁପ୍ତ ବୈଠକ କରିଛି। ଏହି ବୈଠକରେ ନେତୃତ୍ୱ ପରିବର୍ତ୍ତନ ପାଇଁ କିଛି ନେତା ଖୋଲାଖୋଲି ସ୍ୱର ଉଠାଇଥିବା ଜଣାପଡ଼ିଛି। ଜିଲ୍ଲା ବିଜେଡି ସଭାପତି ଏବଂ ଉପସଭାପତିଙ୍କ ଅନୁପସ୍ଥିତିରେ ଏହି ବୈଠକ ଆୟୋଜନ ହେବା ଏବଂ ଦଳର କିଛି ବରିଷ୍ଠ ନେତାଙ୍କ ସଂପର୍କରେ ଆଲୋଚନା କରିବା ନୂଆ ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଛି। ରବିବାର ସକାଳେ କୋରାପୁଟ ଜିଲ୍ଲାର ୫ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀର କିଛି ଜଣାଶୁଣା ତଥା ବରିଷ୍ଠ ବିଜେଡି ନେତା କୋରାପୁଟରେ ଏକାଠି ହୋଇଥିଲେ। ଯୁବ, ଛାତ୍ର ସଂଗଠନର କିଛି ନେତା ମଧ୍ୟ ସେମାନଙ୍କ ସହ ସାମିଲ ହୋଇଥିଲେ। ଦଳର ପୁରୁଖା ତଥା ଦଳ ଆରମ୍ଭ ହେବା ଦିନଠାରୁ ସଂଗଠନ ପାଇଁ କାମ କରୁଥିବା ନେତାଙ୍କୁ ଅଣଦେଖା କରାଯାଉଥିବା ଏହି ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟ ଦଳ ଛାଡ଼ି ଆସି ବିଜେଡିରେ ମିଶୁଥିବା ନେତାଙ୍କୁ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଥିବା ଖୋଲାଖୋଲି ଅଭିଯୋଗ ହୋଇଥିଲା। ଦଳର କିଛି ଛାମୁଆ ନେତାଙ୍କ କାର୍ଯ୍ୟକଳାପକୁ ନେଇ ବି ଅସନ୍ତୋଷ ବ୍ୟକ୍ତ କରାଯାଇଥିବା ଜଣାପଡ଼ିଛି। ତେବେ, ଦଳର ନେତୃତ୍ୱ ବିରୋଧରେ ଏଭଳି ଖୋଲା ଆଲୋଚନା ଚାଲିଥିବାରୁ କିଛି ନେତା ସୁଯୋଗ ଦେଖି ସେହି ବୈଠକରୁ ଚୁପଚାପ୍ ଚାଲି ଆସିଥିବା ଖବର ମିଳିଛି। ଏ ନେଇ ଜିଲ୍ଲା ସଭାପତି ଈଶ୍ୱର ପାଣିଗ୍ରାହୀଙ୍କୁ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ସେ ଫୋନ୍ ଉଠାଇ ନଥିଲେ। ଅନ୍ୟପକ୍ଷରେ ବିଜେଡିର ଯେଉଁ ଗୋଷ୍ଠୀ ଏହି ବୈଠକ କରାଇଥିଲା ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିବାକୁ ପ୍ରସ୍ତୁତ ହେଉନାହାଁନ୍ତି। ମାପିଚୁପି ପ୍ରତିକ୍ରିୟା ଦେଉଥିବାରୁ ସନ୍ଦେହକୁ ବଢ଼ାଉଛି।

# ଦୀପ ତଳ ଅନ୍ଧାର: ଅର୍ଦ୍ଧନିର୍ମିତ ରାସ୍ତାର ସମ୍ପୂର୍ଣ୍ଣ କରଣକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନର ଚେତାବନୀ

ନୂଆପଡ଼ା,୧୯/୦୯ (ନି.ପ୍ର): କଳାହାଣ୍ଡିକୁ ଭୋକର ଭୂଗୋଳ କୁହାଯାଉଥିବା ବେଳେ ନୂଆପଡା ଜିଲ୍ଲା ସୃଷ୍ଟି ହୋଇଥିଲା । ଓଡିଶା ସରକାରଙ୍କ ସ୍ୱପ୍ନ ଥିଲା କି ଗମନା ଗମନ, ପାନୀୟ ଜଳ, ଖାଦ୍ୟ,ଶିକ୍ଷା,ସ୍ୱାସ୍ଥ୍ୟ, ବିଜୁଳି ର ସୁବ୍ୟବସ୍ଥା କରିବା ପାଇଁ, ହେଲେ ତାହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକର କୁସୁମଖୁଂଟା ଗାଁରେ । ବାସ୍ତବିକତା କେତେ ସତ୍ୟ ଆମେ କହୁନୁ ଗଣମାଧ୍ୟମ ପ୍ରତିନିଧିଙ୍କ ସାମ୍ନାରେ କୋମଳ ମତି ଛାତ୍ର ଛାତ୍ରୀ ମାନଙ୍କ ସହିତଅଭିଭାବକ ତଥା ଗ୍ରାମର କିଛି ମାଆମାନେ ଅଭିଯୋଗ ଆଣିଛନ୍ତି । ଆସନ୍ତୁ ଦେଖିବା ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ବୋଡ଼େନ ପଂଚାୟତର କୁସୁମଖୁଂଟା ଗ୍ରାମର ନଗ୍ନ ଚିତ୍ର ଦୀପତଳ ଅନ୍ଧାର ର ଦୃଶ୍ୟ । ଆଜି ମଣିଷ ମଙ୍ଗଳ ଗ୍ରହରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ବ୍ଲକ କାର୍ଯ୍ୟାଳୟ ଠାରୁ ଅନତି ଦୂରରେ ଥିବା କୁସୁମଖୁଂଟା ଗ୍ରାମର ଛାତ୍ର ଛାତ୍ରୀ ତାଙ୍କ ବିଦ୍ୟାଳୟ ଯିବା ପାଇଁ ଭଲ ରାସ୍ତା ଟିଏ ପାଇ ପାରୁନଥିବା ଅଭିଯୋଗ ଆଣିଛନ୍ତି। ଯଦି ଗାଁରୁ ଅନ୍ୟତ୍ର ଯିବାକୁ ହେଲେ ଦୁଇପଟେ ରାସ୍ତା ଅଛି, ହେଲେ ଗୋଟିଏ ପଟରେ କାଦୁଅ ସର ସର ରାସ୍ତା ସହିତ ଅଣ ଓଷାରିଆ ରାସ୍ତା ଏବଂ ଦୁଇ ଦୁଇଟି ନାଳା ତ ଅନ୍ୟ ପଟେ କାଦୁଅ ପୁର୍ଣ ଖାଲ ଖମା ଭରା ରାସ୍ତା। ଉଭୟ ରାସ୍ତାରେ ଛାତ୍ର ଛାତ୍ରୀଙ୍କ ଯିବା ଆସିବ ସହିତ ଯେତେବେଳେ ଜଣେ ମଣିଷର ମୃତ୍ୟୁ ହୁଏ ତାଙ୍କର ଶବ ନେବାପାଇଁ ଓ ଶବଦାହ ପାଇଁ କାଠର ଆବଶ୍ୟକତା ହୋଇଥାଏ। କେମିତି ଅବସ୍ଥାରେ ଲୋକେ ଏହି ରାସ୍ତାରେ ଯିବେ ତାହା ନଦେଖିଲେ ବିଶ୍ୱାସ ଲାଗିବ ନାହିଁ, ଖାଲି ଯେ କୁସୁମଖୁଂଟାର ଲୋକ ନୁହନ୍ତି କେରାପଦର, ବିରେସକେଲା, ବୋଡ଼େନ, ନୂଆପରା, ଏମିତି ଅନେକ ଗାଁର ଲୋକେ ଏହି ରାସ୍ତା ରେ ସମ୍ପୂର୍ଣ ନିର୍ଭର କରିଥାନ୍ତି । ଗ୍ରାମ ବାସୀଙ୍କ ମତାନୁସାରେ ଉକ୍ତ ରାସ୍ତା ଆଗରୁ ଖରାପ ନଥିଲା ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଆଇନରେ ବୋଡ଼େନ ଗ୍ରାମ ପଂଚାୟତ ଅଧୀନରେ କେବଳ ମାଟି ମୁରୁମ କାମ ହେବା ପରିବର୍ତେ କେବଳ ନାମକ ମାତ୍ର ମାଟି କାମ ହେଇଛି ଯାହାକି ସମୁଦ୍ରକୁ ସଂକ୍ଷେପାଣି ସଦୃଶ । ଉଭୟ ପଟର ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛିକ୍ଷ ଯାହା ଦ୍ୱାରା କିଛିଦିନତଳେ ଅବଡ଼ା ଖବଡ଼ା କାଦୁଅ ସର ସର ନାଳ ନର୍ଦମା ଦେଇ ଅନତି ଦୂରେ ଥିବା କେରାପଦର ସ୍କୁଲ କୁ ପାଠପଢି ଯାଉଥିବା ବେଳେ ରାସ୍ତାରେ ପଡି ଜଣେ ଛାତ୍ରର ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବାର ଦୃଶ୍ୟ ସାମ୍ନାକୁ ଆସଛି । ଉକ୍ତ ଘଟଣାକୁ କେନ୍ଦ୍ର କରି ପଚାୟତଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ ହୋଇଥିଲେ ମଧ କର୍ଣ୍ଣ ପାତ କରୁନଥିବାବେଳେ ଅର୍ଦ୍ଧନିର୍ମିତ ରାସ୍ତାର ସମ୍ପୂର୍ଣ୍ଣ କରଣ କୁ ନେଇ ପ୍ରଶାସନ ପାଖରେ ଜନସାଧାରଣ ଦାବୀ ରଖିଛନ୍ତି କ୍ଷ ଯଥାଶୀଘ୍ର ଉକ୍ତ ଅର୍ଦ୍ଧନିର୍ମିତ ରାସ୍ତାର ସମ୍ପୂର୍ଣ୍ଣ କରଣ ଓ ଯଥା ସ୍ଥାନରେ ପୋଲ ନିର୍ମାଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ଐତିହାସିକ ବଳଦଯାତ୍ରା ଓ ଶାରଦୀୟ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନ,୧୯/୦୯ (ନି.ପ୍ର): ଐତିହାସିକ, ପାରମ୍ପରିକ ତଥା ଶହେ ବର୍ଷର ପ୍ରସିଦ୍ଧ ଦଶହରା ବଳଦଯାତ୍ରା ଓ ଶାରଦୀୟ ଦୁର୍ଗାପୂଜା ଚଳିତ ବର୍ଷ ଯାକ ଜମକରେ ପାଳନ ହେବ । ଶନିବାର ଅପରାହ୍ନରେ ଏନଏସି ସଭାଗୃହ ମଧ୍ୟରେ କାମାକ୍ଷାନଗର ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ସାହୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଶାନ୍ତି କମିଟି ମୁଖ୍ୟ ତଥା ସହର ସଂଗଠନ ସଭାପତି ବାସୁଦେବ ବେହେରା, ନଗରପାଳ ଶୁଭେନ୍ଦୁ କୁମାର ସାହୁ, ତହସିଲଦାର ରୋଜାଲିନ ବେହେରା, ଏସଡିପିଓ ରଂଜନ କୁମାର ଦେ, ଆଇ ଆଇ ସି ସୌଭାଗ୍ୟ କୁମାର ସ୍ୱାଇଁ, ବିଡିଓ କଲ୍ୟାଣ ସୌରଭ ଦାସ ,ଅତିରିକ୍ତ ତହସିଲଦାର ରାଜୀବ ଲୋଚନ ବେହେରା, ପଣ୍ଡିତ ମାତୃପ୍ରସାଦ ମିଶ୍ର, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ସଂପନ୍ନ ହେବ । ଭସାଣିରେ କେବଳ ପାରମ୍ପରି ବାଦ୍ୟ ସାମିଲ ହେବ ଏଥିରେ ଖିଲାପ କଲେ କିମ୍ବା ଅଯଥା ବିଳମ୍ବ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଥିଲା ।

ଦଶହରା ପୂର୍ବରୁ ଭୁବନର ମୁଖ୍ୟରାସ୍ତା, ଡ୍ରେନ, କଲଭର୍ଟ ମରାମତି କରାଯିବା ସହିତ ପ୍ରତ୍ୟେକ ଇଲେକ୍ଟ୍ରି ଖୁଂଟରେ ଆଲୋକ ଲଗାଇବା, ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରିବା, ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ସଜାଡିବା ଓ ନୀଳମାଧବ ପେଟ୍ରୋଲ ପମ୍ପ ଠାରୁ ତହସିଲ ଅଫିସ ପର୍ଯ୍ୟନ୍ତ ଜାତୀୟ ରାଜପଥ ମରାମତି/ ନିର୍ମାଣ, ସମସ୍ତ ଶୌଚାଳୟ ଚାଲୁକରିବା ପାଇଁ ଆଲୋଚନା ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବିଦ୍ୟୁତ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସମେତ ବିଭିନ୍ନ ବଜାର କମିଟି, ପୂଜା କମିଟି ସଦସ୍ୟ ଯୋଗଦେଇଥିଲେ । ଶେଷରେ ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୋର୍ଡ଼ା ଫାଣ୍ଡି ଅଧିକାରୀ ରୂପେ ଚନ୍ଦ୍ରହାସ୍ୟ ସାହୁଙ୍କ ଯୋଗଦାନ

ଭବାନୀପାଟଣା,୧୯/୦୯ (ନି.ପ୍ର): ବୋର୍ଡ଼ା ଫାଣ୍ଡିରେ ବିବାହିତ ପ୍ରେମିକ ପ୍ରେମିକାଙ୍କ ବିବାହ ଘଟଣାରେ ଫାଣ୍ଡି ଅଧିକାରୀ ଟୁନା ସେଠିଙ୍କ ବଦଳି ପରେ ଗତକାଲି ସଂନ୍ଧ୍ୟାରେ ନୂତନ ଫାଣ୍ଡି ଅଧିକାରୀ ଭାବେ ଯୋଗଦାନ କରିଛନ୍ତି ଚନ୍ଦ୍ର ହାସ୍ୟ ସାହୁ । ଏହି ଅବସରରେ ନୂତନ ପୋଲିସ ଅଧିକାରୀ ଶ୍ରୀ ସାହୁଙ୍କୁ ଅଂଚଳ ବାସୀଙ୍କ ତରଫରୁ ସ୍ୱାଗତ କରାଯାଇଥିଲା । ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡୁମୁରିଆ ସରପଂଚ ସଂଜୀବ ମିଶ୍ର, ବୋର୍ଡ଼ା ସରପଂଚ ପ୍ରତିନିଧି ଯୁଜେଷ୍ଟି ଜାଲ, ନିତ୍ୟା ବାଗ, ବିଟୁ ପ୍ରଧାନ, ମନ୍ମଥ ପ୍ରଧାନ, ଜୟକୃଷ୍ଣ ବେହେରା, ରୋଶନ ଛତର ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରୀ ସାହୁ ଜଣେ କର୍ତବ୍ୟନିଷ୍ଠ ଅଧିକାରୀ ଭାବେ ବେଶ୍ ଜଣାଶୁଣା।

# ଜୟପୁର ଓଡ଼ିଶା ଅମଲା ସଂଘ ଜୟପୁର ଉପଖଣ୍ଡ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

ଜୟପୁର ,୧୯/୦୯ (ନି.ପ୍ର): ଓଡ଼ିଶା ଅମଲା ସଂଘ ଜୟପୁର ଉପଖଣ୍ଡ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟପୁର କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ଏହି ବୈଠକରେ ସଭାପତିତ୍ୱ କରିଥିଲେ ଶଶୀଭୂଷଣ ଦାଶ ଅମଲା ସଂଘ ସଭାପତି ଜୟପୁର ଶାଖା ତଥା ସମ୍ପାଦକ କୋରାପୁଟ ଜିଲ୍ଲା ଅମଲା ସଂଘ. ଏଥିରେ ଗୁଡ଼ାଏ ଗୁରୁତ୍ୱପୂର୍ଣ୍ଣ ବିଷୟ ରେ ଆଲୋଚନା ହୋଇଥିଲା ଏଥିରେ ଜୟପୁର ଉପଖଣ୍ଡ ର ବିଭିନ୍ନ କାର୍ଯ୍ୟାଳୟ ରେ କାର୍ଯ୍ୟରତ ଅମଲା ମାନେ ଯୋଗ ଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ ମୁଖ୍ୟତଃ ପୁର୍ବତନ ସଭାପତି ଓ ସମ୍ପାଦକ କୋରାପୁଟ ଜିଲ୍ଲା ଅମଲା ସଂଘ ତାଙ୍କ କାର୍ଯ୍ୟ କାଳ ସରିବା ପରେ ମଧ ବର୍ତମାନ ସୁଦ୍ଧା ଦାୟିତ୍ୱ ହସ୍ତାନ୍ତର କରୁନଥିବା ଓ ସଂଘ ବିରୋଧୀ କାର୍ଯ୍ୟ କରୁଥିବା ଯୋଗୁଁ ସେମାନେ ସଂଘ ର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର ସତ୍ତ୍ୱେ ଦାୟିତ୍ୱ ହସ୍ତାନ୍ତର କରୁନଥିବା ଏକ ରୋଚକ କାହାଣୀ ହୋଇ ଯାଇଥିବା ନେଇ ସମସ୍ତେ ତିବ୍ର ଅସନ୍ତୋଷ ପ୍ରକାଶ କରିଥିଲେ, ଅମଲା ପାଣ୍ଠି ର ଅପବ୍ୟବହାର, ହେରଫେର, ହଡ଼ପ କରିଥିବା ଘଟଣା କୁ ସମସ୍ତେ ତିବ୍ର ନିନ୍ଦା କରିବା ସହିତ ଯଦି ଅମଲା ପାଣ୍ଠି ର ହିସାବ ଖୁବ୍ ଶୀଘ୍ର ଦିଆ ନଯାଏ ତାହେଲେ ଏହା ଆଗାମୀ ଦିନରେ ଏହା ତିବ୍ର ରୁପ ନେବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଥିଲେ. ସୁଦର୍ଶନ ସାହୁ, ସଞ୍ଜୟ କୁମାର ପଣ୍ଡା, ବୃନ୍ଦାବନ ପଣ୍ଡା, ବାଳ ଗୋପାଳ ମିଶ୍ର, ଓ ଅନ୍ୟ ସମସ୍ତ ଉପସ୍ଥିତ ଅମଲା, ସର୍ବ ଶେଷରେ ଶ୍ରୀ ଦାଶ୍ ଖୁବ୍ ଶୀଘ୍ର ଏକ ସାମ୍ବାଦିକ ସମ୍ମିଳନୀ କରି ସାମ୍ବାଦିକ ବନ୍ଧୁ ମାନଙ୍କ ଜରିଆରେ ଉଚ୍ଚ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ଓ ଏ ନେଇ ଅମଲା ସଂଘ ଦୃଢ଼ ପ୍ରତିବାଦ କରିବା ସହ ଅନ୍ୟ ପନ୍ଥା ଆପଣେଇବାକୁ ଚେତାବନୀ ଦେବା ଯୋଗୁଁ ସମସ୍ତେ ଶାନ୍ତ ହୋଇଥିଲେ ଓ ଶେଷରେ ଶ୍ରୀ ଦାଶ୍ ସମସ୍ତ ଉପସ୍ଥିତ ଅମଲା ବନ୍ଧୁ ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ବଲାଙ୍ଗିରରେ କ୍ରାନ୍ତି ଜାଗୃତି ସମାରୋହର ଆଲୋଚନାଚକ୍ର

ବଲାଙ୍ଗିର ,୧୯/୦୯ (ନି.ପ୍ର): ବଲାଙ୍ଗିର କ୍ରାନ୍ତି ଜାଗୃତି ସମାରୋହ ର 'ଗାନ୍ଧୀ ଚିନ୍ତାଧାରା ଓ ସାମ୍ପ୍ରତିକ ଗଣତନ୍ତ୍ର' ଶୀର୍ଷକ ଏକ ଆଲୋଚନାଚକ୍ର ଆଜି ସନ୍ଧ୍ୟାରେ ପତିତପାବନ ଏକାଡେମୀ ସଭାଗୃହରେ ସଂଗଠନ ସଭାପତି ଡ ଶିବପ୍ରସାଦ ନନ୍ଦ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ଧନେଶ୍ୱର ସାହୁ ଗାନ୍ଧୀ ଦର୍ଶନ ଉପରେ ଆଲୋଚକ ବକ୍ତାଭାବେ ନିଜ ବକ୍ତବ୍ୟ ରଖିଥିଲେ ଅନ୍ୟତମ ବକ୍ତାଭାବେ ଗାନ୍ଧିବାଦୀ ତଥା ସମାଜବାଦୀ ଜନ ପରିଷଦ ର ସମ୍ପାଦକ ଅଫଲାତୁନ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ସ୍ୱତନ୍ତ୍ରତା ଆନ୍ଦୋଳନ ର ଅନେକ ପ୍ରସଙ୍ଗ ସହିତ ବର୍ତମାନ ର ପ୍ରଚଳିତ ଗଣତନ୍ତ୍ର ଉପରେ ନିଜର ବକ୍ତବ୍ୟ ରଖିଥିଲେ, ନିର୍ବାଚନ ରେ ପ୍ରତିନିଧିତ୍ୱ ପାଇଁ ଖର୍ଚ୍ଚ ସୀମା ଅଛି କିନ୍ତୁ ଦଳ ର କୋଣସି ସୀମା ନାହିଁ ତେଣୁ ସାମ୍ପ୍ରତିକ ପରିସ୍ଥିତିରେ କିପରି ଚାଲିଛି ସହଜରେ ଅନୁମେୟ ଅଜାଡିର ଅମୃତ ମହୋସବ ସମୟରେ ତ୍ରିରଙ୍ଗା ର ନିର୍ମାଣ ପୋଲିଷ୍ଟର ଅନ୍ୟ ସାଧାରଣ କନାରେ କରିବା ଦ୍ୱାରା ବୁଣାକାରମାନକୁ ଗାନ୍ଧୀ ଚିନ୍ତାଧାରା ଭାଙ୍ଗିଦିଆଗଲା ୧୮୦୦, ଘୋରଇ ଶିଳ୍ପ କୁ କମକରି ବଡ ଶିଳ୍ପ ପତି କୁ ସୁବିଧା ଦିଆଯାଇଛି , ଯାହା ଦେଶର ସାଧାରଣ ନାଗରିକଙ୍କ କର୍ମ ସଂସ୍ଥାନ ବନ୍ଦ କରା ଗଲା ।

# ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ନୂଆପଡ଼ା,୧୯/୦୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ସମର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଚାରି ଜଣ ଶିଳ୍ପୀଙ୍କୁ ସମ୍ମାନୀତ କରାଯାଇଛି । ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସଭାରେ ବିଶ୍ୱକର୍ମା ଟ୍ରଷ୍ଟ ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଏନଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ଯୁବରାଜ ଦେବ ଦେବ ସିଂହ ଦେଓ, ରଶ୍ମିରଞ୍ଜନ ଚଳାନ, ମୁଖ୍ୟବକ୍ତା ଭାବେ ଟ୍ରଷ୍ଟ ଉପସଭାପତି ଲବଣେଶ୍ୱର ବାରିକ, ମୁଖ୍ୟ ସମ୍ପାଦକ ଶ୍ରୀବତ୍ସ ବାରିକ ମଂଚାସିନ ରହି ଶିଳ୍ପୀ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏ ଅବସରରେ ମୂର୍ତି ଶିଳ୍ପୀ ଜୟରାମ ବାଗ, ଯାନବାହାନ ଶିଳ୍ପୀ କାଠା ବିଲ୍ଲା, ପଥର ଶିଳ୍ପୀ ରାଜକୁମାର ସୁନା, ବୁଣାକାର ଶିଳ୍ପୀ କୃପାସିନ୍ଧୁ ମେହେରଙ୍କୁ ମାନପତ୍ର, ଉପଢ଼ୌକନ ସହ ନଗଦ ଅର୍ଥ ପ୍ରଦାନ କରା ଯାଇଥିଲା । କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷାବିତ ଅଶୋକ କୁମାର ବାରିକ ମଂଚ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ଶେଷ ପରେ ଶ୍ରୀ ରାମ ଭଜନ ମଣ୍ଡଳୀ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଦସ୍ୟ ସୁରେନ୍ଦ୍ର ଦଣ୍ଡସେନା, ସହ ସମ୍ପାଦକ ବ୍ରଜରାଜ ମହାନ୍ତି, ଦାମୋଦର ନାଏକ , ଜନାର୍ଦ୍ଦନ ପାତ୍ର, ଆଶୁତୋଷ ଥନାପତି , କୋଷାଧ୍ୟକ୍ଷ ପ୍ରଶାନ୍ତ ସାହୁ, ବରିଷ୍ଠ ସଦସ୍ୟ ଆଇନଜୀବୀ ସତ୍ୟ ଦାଶ, ଉମାକାନ୍ତ ରାଉତ, ପରମେଶ୍ୱର ବାରିକ, ହେମନ୍ତ କୁମାର ବେହେରା, ବିଭୁତି ଭୂଷଣ ବିଶି ମାନସ ପତି, ଲଳିନ୍ଦ୍ର ନାଏକ, ପରୀକ୍ଷିତ ବିଶି, ଶମ୍ଭୁ କିଶୋର ଦଣ୍ଡସେନା, ମହେଶ୍ୱର ପ୍ରସାଦ ବାରିକ, କେତନ ସିଂ ବାରିକ,ପ୍ରମୋଦ କୁମାର ଦଣ୍ଡସେନା, ଅଶ୍ୱନୀ ପ୍ରଧାନୀ,ଶେଷ ଦେବ ବାରିକ ,ଲିପ୍ସା ରାଣୀ ବାରିକ,ଉପେନ୍ଦ୍ର ପାଣିଗ୍ରାହୀ, ମକରଧ୍ୱଜ ବେହେରା, ବାଳକୃଷ୍ଣ ଶବର ରମଣ ସିଂ ବାରିକ, ସ୍ୱୟଂ ସରଗମ ସିଂ ବାରିକ ସମେତ ଶତାଧିକ ଭକ୍ତ ବୃନ୍ଦ ଉପସ୍ଥିତ ଥିଲେ ।

# ରାଇରଙ୍ଗପୁର ହାଇସ୍କୁଲରେ ଚିତାବାଘ ସମ୍ପର୍କିତ କର୍ମଶାଳା ଆୟୋଜିତ

ରାଇରଙ୍ଗପୁର,୧୯/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ହାଇସ୍କୁଲ ସଭାଗୃହରେ ରାଇରଙ୍ଗପୁର ବନ ବିଭାଗ ପକ୍ଷରୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନନ୍ଦଙ୍କ ପୌରହିତ୍ୱରେ ଚିତାବାଘ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଗତକାଲି ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡି.ଏ.ଫ ନଳିନୀକାନ୍ତ ବେହେରା, ସମ୍ମାନୀତ ଅତିଥି ଭାବେ ଏ.ସି.ଏଫ୍ ବୈଦନାଥ ମାଝୀ, ଅବୈତନିକ ବନ୍ୟପ୍ରାଣୀ ତତ୍ୱାବଧାରକ ପ୍ରଦୀପ୍ତ କବି, ବିଶିଷ୍ଟ ଶିକ୍ଷାବିତ ଦିଲ୍ଲୀପ କୁମାର ମହାନ୍ତି, ରେଞ୍ଜ ଅଫିସର ସତ୍ୟବ୍ରତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଦୀର୍ଘ ୭୪ ବର୍ଷ ପରେ ଭାରତରେ ଦେଖିବାକୁ ମିଳିବ ଚିତାବାଘ ।ଭାରତ ସରକାରଙ୍କ ପ୍ରଚେଷ୍ଟାରେ ଆଫ୍ରିକାର ନାମ୍ବିଆରୁ ୫ଟି ଅଣ୍ଡିରା ଏବଂ ୩ଟି ମାଈ ବାଘ ଯେଉଁ ମାନଙ୍କ ବୟସ ୨ରୁ ୫ ବର୍ଷ ଭାରତକୁ ଅଣାଯାଇଛି। ସେମାନଙ୍କୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ରଖାଯିବ । ଭାରତରେ ୧୯୫୨ରେ ଚିତାବାଘଙ୍କୁ ବିଲୁପ୍ତ ପ୍ରଜାତି ଭାବେ ଘୋଷଣା କରାଯାଇଥିଲା, ଏବେ ପୁଣିଥରେ ତା'ର ପୁନରୁଦ୍ଧାର ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ଏସବୁ ତଥ୍ୟ ପ୍ରଦାନ ସହ ବିଭିନ୍ନ ଜାତିର ବାଘ ବିଷୟରେ ସଭାରେ ଉପସ୍ଥିତ ଛାତ୍ର ମାନଙ୍କୁ ଅବଗତ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱାଗତିକା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିବେଦିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇ ଫାଇଲିଙ୍ଗ ଓ ଇ ପେମେଂଟ ଉପରେ ତାଲିମ ଶିବିର

ଜୟପୁର,୧୯/୦୯ (ନି.ପ୍ର): ଜୟପୁର ସିଭିଲ କୋର୍ଟ ପରିସରରେ ଇ ଫାଇଲିଙ୍ଗ ଓ ଇ ପେମେଂଟ ଉପରେ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ରେଜିଷ୍ଟ୍ରାର ଶରତ କୁମାର ଜେନା ଯୋଗଦେଇଥିଲେ। ଶିବିରରେ ମାଷ୍ଟର ପ୍ରଶିକ୍ଷକ ଆଇନଜୀବି କେ ଦିବାକର ରାଓ, ଚନ୍ଦନ ନାୟକ ଆଇନଜୀବି ଙ୍କୁ ଇ ଫାଇଲିଙ୍ଗ ଉପରେ ତାଲିମ ଦେଇଥିଲେ । କୋର୍ଟ ରେ ସବୁ ପ୍ରକାର ମାମଲା ସମସ୍ତ ପ୍ରକାର ଦଲିଲି କମ୍ପୁଟର ଜରିଆରେ ଦାଖଲ କରାଯିବ । ବିଭିନ୍ନ ମାମଲାରେ ଦାଖଲ ହୋଇଥିବା କୋର୍ଟ ଫି ମଧ ଇଲେକ୍ଟ୍ରୋନିକ ମାଧମରେ ଦାଖଲ ହେବ ବୋଲି ସୁଚନା ଦିଆଯାଇଛି । ଏହି ଶିବିରରେ ୧୩ ଆଇନଜୀବି ତାଲିମ ନେଇଥିଲେ ।

# ହାତୀ ଓ ମଣିଷଙ୍କ ସୁରକ୍ଷା ଲକ୍ଷ୍ୟରେ କେନ୍ଦୁଝର ବନ ବିଭାଗର ପ୍ରୟାସକୁ ସ୍ୱାଗତ : ବିଦ୍ୟୁତ କାଟକୁ ନାପସନ୍ଦ

କେନ୍ଦୁଝର ,୧୯/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ବଣୁଆ ହାତୀଙ୍କ ଉପଦ୍ରବ ପ୍ରାୟତଃ ଲାଗି ରହୁଥିବା ବେଳେ ଏଥିପାଇଁ ଲୋକମାନେ ପ୍ରାୟତଃ ସବୁବେଳେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । କେତେବେଳେ କେଉଁଠି ଏହି ହାତୀମାନେ ପହଂଚି ଯାଉଛନ୍ତି ତାହା ସାଧାରଣ ଲୋକଙ୍କ ପକ୍ଷରେ ଜାଣିବା ସମ୍ଭବ ହୋଇ ପାରୁନାହିଁ। ଫଳରେ ଅନେକ ସମୟରେ ଲୋକଙ୍କର ଧନ ଜୀବନ ନଷ୍ଟ ହେଉଛି । ଗ୍ରାମାଂଚଳରେ ହାତୀଙ୍କର ଉପଦ୍ରବ ପରେ ଏବେ ସେମାନେ ସହର ମୁହାଁ ହୋଇଥିବା ଦେଖିବାକୁ ମିଳିଛି । ନିକଟରେ ବିଳମ୍ବିତ ରାତ୍ରୀରେ ଏକ ଦନ୍ତା ହାତୀ କେନ୍ଦୁଝର ସହର ମଧ୍ୟକୁ ପ୍ରବେଶ କରି ସହର ତମାମ ନିର୍ଭୟରେ ଘୁରି ବୁଲିବା ଦେଖିବାକୁ ମିଳିଥିଲା । ସାଧାରଣ ଲୋକଙ୍କ ପକ୍ଷରେ ସବୁ ସମୟରେ ହାତୀର ହାତୀପଲଙ୍କର ଉପସ୍ଥିତି ସଂପର୍କରେ ସୂଚନା ପାଇବା ସମ୍ଭବ ହୋଇ ପାରୁ ନଥିଲା । ଫଳରେ ହାତୀ ପଲଙ୍କର ଦାଉରୁ ସାଧାରଣ ମଣିଷଙ୍କ ସୁରକ୍ଷା ଓ ହାତୀଙ୍କର ସୁରକ୍ଷା ଲକ୍ଷ୍ୟରେ କେନ୍ଦୁଝର ବନ ବିଭାଗ ପକ୍ଷରୁ ଏବେ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଯେଉଁଥିରେ ଉଭୟେ ହାତୀ ଓ ମଣିଷଙ୍କ ସୁରକ୍ଷା ସମ୍ଭବ ପର ହୋଇ ପାରିବ । କେନ୍ଦୁଝର ବନ ବିଭାଗର ଏହି ନୂତନ ବ୍ୟବସ୍ଥାନୁଶାରେ ଭଏସ ସହ ଟେକ୍ସେଟ ମେସେଜ ଓ ଡାକବାଜି ଯନ୍ତ୍ରକୁ ବ୍ୟବହାର କରାଯିବା ଆରମ୍ଭ କରାଯାଇଛି । କେନ୍ଦୁଝର ବନଖଣ୍ଡର ବିଭିନ୍ନ ରେଞ୍ଜ ରେ ବର୍ତମାନ ପ୍ରାୟ ୧୩୭ ଟି ହାତୀ ରହିଛନ୍ତି । ଏହି ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଦଳ ଦଳ ହୋଇ ଜନବସତି ମୁହାଁ ହେଉଛନ୍ତି । ଏବଂ ବିଭିନ୍ନ ଗାଁ ଗଣ୍ଡାରେ ପଶି ତଣ୍ଡବ ଲୀଳା କରୁଛନ୍ତି । ଘର ଭାଙ୍ଗି ଘର ଭିତରେ ପରିବାରର ଥିବା ସଂଚିତ ଧାନ ଚାଉଳ ବିହନ ଆଦି ଖାଇଯିବା ସହ ବିଲ ବାଡିରେ ପଶି ଲୋକଙ୍କର ଫସଲ ମଧ ଦଳି ଚକଟି ନଷ୍ଟ କରୁଛନ୍ତି । ଫଳରେ ମଣିଷ ଓ ହାତୀ ମୁହାଁ ମୁହିଁ ହେଉଛନ୍ତି । ଯେଉଁଥିରେ କେତେବେଳେ ହାତୀଙ୍କର ତ କେତେବେଳେ ମଣିଷଙ୍କର ଜୀବନ ଯାଉଛି । ଏଥିପାଇଁ କେନ୍ଦୁଝର ବନ ବିଭାଗ ଉଭୟେ ହାତୀ ଓ ମଣିଷଙ୍କ ସୁରକ୍ଷା ପାଇଁ ମୋବାଇ ମଧ୍ୟମରେ ଆରମ୍ଭ କରିଛନ୍ତି ଟେକ୍ସଟ ଭଏସ ମେସେଜ ଏବଂ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଗାଁ ଗାଁ ରେ ସୂଚନା ପ୍ରଦାନ ବ୍ୟବସ୍ଥା । ଆଜିକାଲି ପ୍ରାୟତଃ ଗ୍ରାମାଂଚଳ ଠାରୁ ସହରାଂଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ଅଂଚଳରେ ମୋବାଇଲର ବହୁଳ ବ୍ୟବହାରକୁ କୁ ଲକ୍ଷ୍ୟକରି ବନ ବିଭାଗ ପକ୍ଷରୁ ମୋବାଇଲ ନମ୍ବର ସଂଗ୍ରହ କରି ସେ ସବୁ ଅଂଚଳରେ ହାତୀ ଦଳଙ୍କର ଉପସ୍ଥିତି ସଂପର୍କରେ ମୋବାଇଲରେ ମେସେଜ ମାଧ୍ୟମରେ ସତର୍କ ସୂଚନା ଦେବା ଆରମ୍ଭ କରାଯାଇଛି । ଏଥିସହ ଗାଁ ଗାଁ ବୁଲି ବନ କର୍ମଚାରୀ ମାନେ ଗାଂ ଲୋକମାନଙ୍କୁ ମଧ ଡାକବାଜି ଯନ୍ତ୍ର ସାହାର୍ଯ୍ୟ ରେ ହାତୀଦଳଙ୍କର ଗତିବିଧି ସଂପର୍କରେ ସୂଚନା ପ୍ରଦନ କରାଯାଇ ସତର୍କ ରହିବାକୁ କୁହାଯାଉଛି । ଏବଂ ବନ ବିଭାଗ ପକ୍ଷରୁ ଏକ ମୋବାଇଲ ନମ୍ବର ଦିଆଯାଇ ସେଥିରେ ହାତୀଙ୍କର ଉପସ୍ଥିତି ସଂପର୍କରେ ବିଭାଗକୁ ସୂଚନା ଦେବାକୁ ମଧ କୁହାଯାଇଛି । ଏପରିକି ଟ୍ରେନର ପାଇଲଟଙ୍କୁ ମଧ ରାତ୍ରୀ ସମୟ ରେଡ୍ ସିଗନାଲ ମାଧ୍ୟମରେ ଏବଂ ଦିନବେଳା ରେଡ ପତାକା ଦେଖାଇ ସତର୍କ ସୂଚନା ଦେବାର ବ୍ୟବସ୍ଥା କରାଯାଇଛି । ବିଳମ୍ବରେ ହେଲେ ବି କେନ୍ଦୁଝର ବନ ବିଭାଗର ଏଭଳି ପ୍ରୟାସକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିବା ବେଳେ ଗାଁ କିମ୍ବା ସହରରେ ହାତୀ ପ୍ରବେଶ ସମୟରେ ବିଦ୍ୟୁତ କାଟ ବ୍ୟବସ୍ଥାକୁ ନାପସନ୍ଦ ହୋଇଛି । ବିଦ୍ୟୁତ ବିଭାଗ ନିଜର ତୃଟି କୁ ସଜାଡିବା ପରିବର୍ତେ ଯେଭଳି ଲୁଚାଇବା ଉଦ୍ଦେଶ୍ୟରେ ସମଗ୍ର ଅଂଚଳକୁ ଅନ୍ଧକାର କରିଦେଉଛି ତାଦ୍ୱାରା ସାଧାରଣ ଲୋକେ ଅନେକ କଷ୍ଟର ସମ୍ମୁ କରିବା ସହ ହାତୀର ଗତିବିଧିକୁ ମଧ ଠଉରାଇ ପାରୁନଥିବା କହିଛନ୍ତି । ଯାହକି ସେମାଙ୍କ ପାଇଁ ବିପଦର କାରଣ ହୋଇପଡିଛି ।

# ହୃଦରୋଗ



ହୃଦରୋଗ ହେଉଛି ମୃତ୍ୟୁର ଅନ୍ୟତମ ପ୍ରଧାନ କାରଣ । ଭାରତରେ ହୃଦରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି । ଏପରିକି ଆଉ କିଛି ବର୍ଷ ଭିତରେ ପୃଥିବୀର ସବୁଠାରୁ ବେଶି ହୃଦରୋଗୀ ରହିଥିବେ ଭାରତରେ । ଏବେ ସେମାନଙ୍କ ସଂଖ୍ୟା ୫କୋଟିକୁ ଟପିଗଲାଣି । ବେଳ ଥିଲା ଯେତେବେଳେ ହୃଦରୋଗ ଥିଲା ବୟସ୍କ ବ୍ୟକ୍ତିମାନଙ୍କ ରୋଗ । କିନ୍ତୁ ସମ୍ପ୍ରତି ଏଥିରେ ଆକ୍ରାନ୍ତ ହୋଇପଡ଼ିଲେଣି କିଶୋର ଓ ଯୁବଗୋଷ୍ଠୀ । ଗବେଷଣାରୁ ଏହା ପ୍ରମାଣିତ ଯେ, ହୃଦରୋଗର ମୂଳଦୂଆ ପଡ଼ିଯାଏ ପିଲା ବୟସରେ । ତେଣୁ ଏହି ରୋଗରୁ ସୁରକ୍ଷିତ ରହିବା ନିମନ୍ତେ ବାଲ୍ୟକାଳରୁ ହିଁ ଉଦ୍ୟମ ଜାରି ରଖିବା ବାଞ୍ଛନୀୟ । ମନେ ରଖିବାର କଥା ଯେ, ସୁସ୍ଥ ଶରୀର, ସୁସ୍ଥ ମନ, ସୁସ୍ଥ ସାମାଜିକ ସମ୍ପର୍କ ଏବଂ ସୁସ୍ଥ ଚିନ୍ତା ତଥା ମନୋଭାବ ହେଉଛି ହୃତପିଣ୍ଡକୁ ସୁସ୍ଥ ରଖିବାର ପ୍ରଧାନ ଅବଲମ୍ବନ । ଅନ୍ୟପକ୍ଷରେ ଅଳସ ଅବଲମ୍ବନ । ଅନ୍ୟପକ୍ଷରେ ଅଳସ ଜୀବନଶୈଳୀ, ଅଣ ଅନୁମୋଦିତ ଖାଦ୍ୟାଭାସ, ଧୂମପାନ, ଅତ୍ୟଧିକ ମାନସିକ ଚାପ ଓ ମେଦବହୁଳତା ହୃତପିଣ୍ଡକୁ ଅସୁସ୍ଥ କରିଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଡାଇବେଟିସ, ଉଚ୍ଚ ରକ୍ତଚାପ ଓ ରକ୍ତରେ କୋଲେଷ୍ଟ୍ରଲ ମାତ୍ରା ବୃଦ୍ଧି ହୃଦରୋଗ ଜାତ ହେବାର ଆଶଙ୍କାକୁ ବଢ଼େଇ ଦିଏ । ପିଲା ବୟସରେ ଓଜନ ବୃଦ୍ଧି ବା ପୃଥୁଳତା ପ୍ରକାଶ ପାଇଥିଲେ ୬୫ ବର୍ଷ ବୟସରେ ପହଞ୍ଚିବାବେଳକୁ ସେମାନଙ୍କର ହାର୍ଟ ଆଟାକ କିମ୍ବା ଷ୍ଟ୍ରୋକ୍ ହେବାର ସମ୍ଭାବନା ତିନିରୁ ପାଞ୍ଚ ଗୁଣ ବୃଦ୍ଧି ପାଇଥାଏ । ଏବେ ପ୍ରଶ୍ନ ଉଠେ କି କି ସାବଧାନତା ଅବଲମ୍ବନ କଲେ ବା କେଉଁ ପ୍ରକାରର ପଦକ୍ଷେପମାନ ନେଲେ ହୃଦରୋଗ ସୃଷ୍ଟିକୁ ବହୁଳାଂଶରେ ନିବାରଣ କରାଯାଇପାରିବ ।

**ଖାଦ୍ୟ:** ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡ଼ା ମାଂସ ଓ ଚର୍ବି ଲାଗିଥିବା ଛେଳି ମାଂସ କିମ୍ବା ମେଣ୍ଢା ମାଂସରେ ରହିଛି କ୍ଷତିକାରକ ପ୍ରଭାବ । ଅଣ୍ଡାର କେଶର, ଚିଙ୍ଗୁଡ଼ି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରୁ ମିଳୁଥିବା କୋଲେଷ୍ଟ୍ରଲ ପରିମାଣ ଅଧିକ ହୋଇଥିବାରୁ ଏହା ଆଦୌ ଅନୁକୂଳ ନୁହେଁ । ସେହିପରି ବେଶି ଚିନି, ଗୁଡ଼ କିମ୍ବା ମିଷ୍ଟାନ୍ନ ଜାତୀୟ ଖାଦ୍ୟ ଖାଇଲେ ସେଥିରେ ଥିବା ଶ୍ୱେତସାର ଚର୍ବିରେ ପରିଣତ ହୋଇ ଦେହରେ ଜମିଯାଏ ଓ ହୃଦରୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦିଏ । ବେଶି ଲୁଣ, ଫାଷ୍ଟ ଫୁଡ, ଜଙ୍କ ଫୁଡ ଏବଂ ଡବାରେ ବନ୍ଦ ହୋଇ ବିକ୍ରି ହେଉଥିବା ଖାଦ୍ୟ ମଧ୍ୟ ହୃତପିଣ୍ଡର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।





ପ୍ରତିଦିନ ଯଥେଷ୍ଟ ପରିମାଣର ଫଳ, ଶାଗ ଓ ପନିପରିବା ଖାଇବା ନିରାପଦ । ରୋଷେଇବାସ ପାଇଁ ସୋରିଷ ତେଲ ଓ ସୋୟାବିନ ତେଲ ଭଲ । ବାଦାମ ତେଲ ଓ ସୂର୍ଯ୍ୟମୁଖୀ ତେଲ ମଧ୍ୟ ମନ୍ଦ ନୁହେଁ । କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେମ୍ବୁର ସାଲାଡ ମଧ୍ୟ ଅତି ଉପାଦେୟ । ସବୁଦିନେ ମାଛ ଖାଇପାରିଲେ ତାହା ବେଶ ଉପକାରୀ । ହୃଦରୋଗ ସମେତ ସମସ୍ତ ଅଣସଂକ୍ରାମକ ଦୀର୍ଘକାଳିକ ରୋଗଗୁଡ଼ିକୁ ନିବାରଣ କରିବାର ଅଭିନବଜାତ ଖାଦ୍ୟଖାଇବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । କାରଣ ଏଥିରୁ ମିଳୁଥିବା ହାଇଟୋକେମିକାଲ, ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇଭରସ ବା ଖାଦ୍ୟତନ୍ତୁ ଏଥିରେ ସହାୟକ ହୋଇଥାଏ ।

ଲେମ୍ବୁ, ଟମାଟୋ, କଞ୍ଚାଲଙ୍କା, ବନ୍ଧାକୋବି, ଫୁଲକୋବି, ଶାଗ ଓ ପିଜୁଳିରୁ ମିଳେ ବେଶି ଭିଟାମିନ 'ସି' । ଭିଟାମିନ 'ଇ' ମିଳେ ବିଭିନ୍ନ ଖାଇବା ତେଲ, ମାଛ, ମାଂସ, ଅଣ୍ଡା, ଚାଉଳ, ଗହମ ଓ ଶାଗରୁ । ଶାଗ, ଫଳ, କ୍ଷୀର, ମାଛ ଓ ମାଂସରେ ଥାଏ ଅଧିକ ଫଲିକ ଏସିଡ୍ । ଭିଟାମିନ 'ସି', ଭିଟାମିନ 'ଇ' ଓ ଫଲିକ ଏସିଡ୍ ହୃଦରୋଗ ନିବାରଣ କରେ ।

ପନିପରିବା, ଶାଗ, ଫଳ, ବନ୍ଧାକୋବି, ଫୁଲକୋବି, ଚାଉଳ, ଗହମ, ଡାଲି, କ୍ଷୀର, ଅଣ୍ଡା ଓ ମାଛ, ମାଂସ ଇତ୍ୟାଦି ଯୋଗାଇଥାଏ ହୃଦରୋଗ ବିରୋଧୀ ମ୍ୟାଗ୍ନେସିୟମ, ତମ୍ବା ବା କପର ଏବଂ ଦସ୍ତା ବା ଜିଙ୍କ ।




ଓଜନ ନିୟନ୍ତ୍ରଣ ଶରୀରରେ ଚର୍ବି ଜମିଲେ ଓଜନ ବଢ଼େ । ଓଜନ ବଢ଼ିଲେ ଜାତ ହୁଏ ପୃଥୁଳତା ବା ମେଦବହୁଳତା । ଚର୍ବି ଉପାଦାନ ରକ୍ତନଳୀ ଭିତରେ ଜମିଯାଇ ରକ୍ତନଳୀର ରନ୍ଧ୍ରକୁ ସଂକୁଚିତ କରିଦିଏ । ଫଳରେ ରକ୍ତ ସରବରାହ ବ୍ୟାହତ ହୋଇ ଜାତ ହୁଏ ହୃଦରୋଗ । ତାହାଛଡ଼ା ଅଧିକ ସଂଖ୍ୟକ ଚର୍ବିକୋଷ ନିକଟକୁ ରକ୍ତ ଯୋଗାଇବା, ଓଜନିଆ ଶରୀରକୁ ବୋହି ଚଲାବୁଲା ଓ କାମଧନ୍ଦା କରିବା ଫଳରେ ହୃତପିଣ୍ଡ ଉପରେ ଅଧିକ ଚାପ ପଡ଼େ । ତେଣୁ ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରି ଶରୀରର ଓଜନକୁ ନିୟନ୍ତ୍ରଣ କରିବା ଉଚିତ ।

**ନିୟମିତ ଶାରୀରିକ ପରିଶ୍ରମ ଓ ବ୍ୟାୟାମ:** ନିୟମିତ ଭାବରେ କଠିନ ଶାରୀରିକ, ପରିଶ୍ରମ ଓ ବ୍ୟାୟାମ କରୁଥିଲେ ତାହା ହୃତପିଣ୍ଡ ଓ ରକ୍ତନଳୀକୁ ସୁସ୍ଥ ରଖେ । ଦ୍ରୁତଗତିରେ ଚାଲିବା, ଦୌଡ଼ିବା, ସାଇକେଲ ଚଲେଇ ଯିବା ଆସିବା କରିବା ଓ ପହଁରିବା ହେଉଛି ଭଲ ବ୍ୟାୟାମ । ପ୍ରତିଦିନ ଅନ୍ତତଃ ୩୦ ମିନିଟ ଲେଖାଏଁ ଚାଲିଲେ ଉପକାର ମିଳେ ।



**ଧୂମପାନ ବର୍ଜନ :** ହୃଦରକ୍ତନଳୀ ରୋଗ କରେଇବାରେ ଧୂମପାନ ପ୍ରଧାନ ଖଳନାୟକ । ବିଡ଼ି, ସିଗାରେଟ ଟାଣିବାରେ କୌଣସି ଗୋଟିଏ ହେଲେ ବି ଉପକାର ମିଳି ନଥାଏ । ତେଣୁ ଏହାର ପାଖ ପଶିବା ଉଚିତ ନୁହେଁ ।



**ମାନସିକ ଚାପ ହ୍ରାସ:** ଅତ୍ୟଧିକ ମାନସିକ ଚାପ ହୃଦରୋଗ ସୃଷ୍ଟିରେ ସହାୟମ ହୋଇଥାଏ । ନିୟମିତ ବ୍ୟାୟାମ, ଯୋଗ, ଧ୍ୟାନ ଓ ପ୍ରାର୍ଥନା ତଥା ଜୀବନ ପ୍ରତି ଏକ ସକାରତ୍ମକ ମନୋଭାବ ପୋଷଣ ଦ୍ୱାରା ମାନସିକ ଚାପକୁ ନିୟନ୍ତ୍ରଣକୁ ଆଣିହୁଏ । ନୈରାଶ୍ୟବାଦୀ ନ ହୋଇ ଆଶାବାଦୀ ହେବାର ସୁଫଳ ବେଶି ।



**ଯୋଗ ଓ ଧ୍ୟାନ:** ହୃଦରୋଗ ଓ ଅନ୍ୟାନ୍ୟ ରୋଗ ନିୟନ୍ତ୍ରଣ କରିବାରେ ଯୋଗ ଓ ଧ୍ୟାନର ଅନୁକୂଳ ଭୂମିକା ରହିଥିବା ସମ୍ପର୍କରେ ଏବେ ପ୍ରମାଣମାନ ମିଳୁଛି । ତେଣୁ ନିୟମିତ ଯୋଗ ଧ୍ୟାନ କରିବା ଉଚିତ ।



**ନିୟମିତ ଡାକ୍ତରୀ ପରୀକ୍ଷା:** ନିୟମିତ ଡାକ୍ତରୀ ପରୀକ୍ଷା କରେଇନେଲେ ସଅଳ ରୋଗ ନିର୍ଣ୍ଣୟ କରିହୁଏ । ରୋଗ ଆରମ୍ଭ ଅବସ୍ଥାରେ ଏହା ଧରାପଡ଼ିଗଲେ ସଅଳ ରୋଗ ନିର୍ଣ୍ଣୟ କରିହୁଏ । ରୋଗ ଆରମ୍ଭ ଅବସ୍ଥାରେ ଏହା ଧରାପଡ଼ିଗଲେ ସଅଳ ଚିକିତ୍ସା ଆରମ୍ଭ କରିବା ସୁଗମ ହୋଇଯାଏ ଏବଂ ରୋଗ ଜଟିଳ ଅବସ୍ଥାରେ ପହଞ୍ଚିପାରେ ନାହିଁ । ଉଚ୍ଚ ରକ୍ତଚାପ, ଡାଇବେଟିସ ଓ ରକ୍ତରେ କୋଲେଷ୍ଟ୍ରେଲ ମାତ୍ରାବୃଦ୍ଧି ହୃଦରୋଗକୁ ପ୍ରୋତ୍ସାହନ ଦେଉଥିବାରୁ ବେଳହୁଁ ଏହାର ନିରୂପଣ ଓ ଚିକିତ୍ସା ଅତ୍ୟନ୍ତ ଫଳପ୍ରଦ । ସେହିପରି ଇସିଜି ପରୀକ୍ଷା ମଧ୍ୟ ସଅଳ ହୃଦରୋଗ ନିର୍ଣ୍ଣୟରେ ସହାୟକ ।



# ସବୁଦିନ ନିଜ ବିବାହ ପୋଷାକ ପିନ୍ଧୁଛନ୍ତି ମହିଳା



ବିବାହ କିମ୍ବା ସ୍ୱତନ୍ତ୍ର ଉତ୍ସବରେ ବର କନ୍ୟା ନିଜ ପାଇଁ ସ୍ୱତନ୍ତ୍ର ପୋଷାକ ତିଆରି କରାଇଥାନ୍ତି । ହେଲେ ଏହି ପୋଷାକକୁ କେବଳ ଥରେ ପିନ୍ଧା ଯାଇଥାଏ ପରେ ଏହାକୁ ଆଲମାରିରେ ସାଇତି ରଖାଯାଇଥାଏ । ହେଲେ ଅଷ୍ଟ୍ରେଲିଆର ୪୩ ବର୍ଷିୟା ଏହି ମହିଳା ଜଣକ ନିଜ ବିବାହ ପୋଷାକକୁ ସବୁଦିନ ପିନ୍ଧୁଛନ୍ତି । ଆଡିଲେଡ ସହରରେ ରହୁଥିବା ଟୋମି ଯେବେ ବି ବାହାରକୁ ଯାଆନ୍ତି ସେତେବେଳେ ସେ ବିବାହ ପୋଷାକଟିକୁ ପିନ୍ଧିଥାନ୍ତି । ଏପରିକି ମାଛ ଧରିବା, ଫୁଟବଲ ଖେଳିବାକୁ ଗଲା ବେଳେ ମଧ୍ୟ ସେ ଏହା ପିନ୍ଧନ୍ତି । ଏହା ପଛର କାରଣ ଭାରତ ସହ ଜଡ଼ିତ । ୨୦୧୬ରେ ଟୋମି ଭାରତ ଗସ୍ତରେ ଆସିଥିଲେ । ଏହି ସମୟରେ ସେ ଅନୁଭବ କରିଥିଲେ ଯେ, ନିଜେ ନୂଆ ପୋଷାକ ଏବଂ ଜୋତାରେ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି । ପରେ ସେ ନିଜ ମନ ବଦଳାଇଥିଲେ । ଏବଂ ଅଯଥା ଖର୍ଚ୍ଚ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ । ଟୋମି ନିଜ ବିବାହ ପୋଷାକ ବାବଦରେ ଖର୍ଚ୍ଚ କରିଥିଲେ ପାଖାପାଖି ୮୬ ହଜାର ଟଙ୍କା । ସେ ସ୍ଥିର କରିଥିଲେ ଏହି ଟଙ୍କାର ପ୍ରକୃତ ମୂଲ୍ୟକୁ ସେ ଅସୁଲ କରିବେ । ତେଣୁ ଦୈନିକ ନିଜ ପୋଷାକ ୨୦୧୮ ଅକ୍ଟୋବରୁ ସେ ପିନ୍ଧି ଆସୁଛନ୍ତି ।



# ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା



ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

# ୧୪ବର୍ଷ ଧରି ହ୍ରଦ ସଫା କରୁଛନ୍ତି



'ହ୍ରଦର ସହର' ରୂପେ ପରିଚିତ ରାଜସ୍ଥାନର ଉଦୟପୁରରେ ଥିବା ସୁନ୍ଦର ହ୍ରଦଗୁଡ଼ିକୁ ଦେଖିବା ପାଇଁ ଦେଶବିଦେଶରୁ ଅନେକ ଯାତ୍ରୀ ଆସିଥାନ୍ତି। ଯାତ୍ରୀ ସଂଖ୍ୟା ବଢ଼ିବା ସହ ହ୍ରଦଗୁଡ଼ିକର ପ୍ରଦୂଷଣ ମାତ୍ରା ମଧ୍ୟ ବଢ଼ିଚାଲିଛି । ଏଣୁ ହ୍ରଦଗୁଡ଼ିକର ସ୍ୱଚ୍ଛତା ବଜାୟ ରଖିବା ପାଇଁ ହାଜି ସରଦାର ମହମ୍ମଦ ନାମକ ୭୩ ବର୍ଷୀୟ ବୃଦ୍ଧ ନିଜ ଚେଷ୍ଟା ଜାରି ରଖିଛନ୍ତି । ସେ ଗତ ୧୪ବର୍ଷ ହେବ ଉଦୟପୁରର ବିଭିନ୍ନ ଅଞ୍ଚଳ ବୁଲି ହ୍ରଦଗୁଡ଼ିକର ସଫେଇ କରୁଛନ୍ତି । ତାଙ୍କର ଏହି ମହାନ କାମକୁ ଦେଖି ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ମଧ୍ୟ ତାଙ୍କ ସହ ସାମିଲ ହୋଇଛନ୍ତି । ହାଜିଙ୍କ ଘର ମଧ୍ୟ ଏକ ହ୍ରଦ ନିକଟରେ । ତାଙ୍କ କହିବାନୁଯାୟୀ, ଥରେ ପ୍ରବଳ ବର୍ଷା ହେବା କାରଣରୁ ହ୍ରଦରେ ଥିବା ସମସ୍ତ ଆବର୍ଜନା ତାଙ୍କ ଘରେ ପଶି ଯାଇଥିଲା । ଫଳରେ ସେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ । ସେବେଠାରୁ ସେ ବୁଲିବୁଲି ହ୍ରଦ ସଫେଇ କରିବା ପାଇଁ ମନସ୍ଥ କରିଥିଲେ । ଏଥିପାଇଁ ସେ ଏକ ଡଙ୍ଗା ନିର୍ମାଣ କରିଥିଲେ । ଉକ୍ତ ଡଙ୍ଗାରେ ସେ ହ୍ରଦ ମଧ୍ୟକୁ ଯାଇ ଆବର୍ଜନାଗୁଡ଼ିକୁ ଏକତ୍ରିତ କରି ଆଣୁଥିଲେ । ତାଙ୍କୁ କାମରେ ସାହାଯ୍ୟ କରିବା ପାଇଁ ସେ ଲୋକଙ୍କୁ ନିବେଦନ କରୁଥିଲେ । ତାଙ୍କର ମହତ କାର୍ଯ୍ୟ ଦେଖି ତାଙ୍କ ସହ ଅନେକ ଲୋକ ଯୋଡ଼ି ହୋଇଥିଲେ । ଏବେ ସେ 'ଝିଲହମାରି' ନାମକ ଏକ ସଂଗଠନ ନିର୍ମାଣ କରି ଅନେକ ସଂଖ୍ୟାରେ ସ୍ଥାନୀୟ ଯୁବକ ତଥା ବୟସ୍କମାନଙ୍କ ସହ ମିଶି ହ୍ରଦ ସଫେଇ କରୁଛନ୍ତି ।

# ଶଶକାସନ

## ମହିଳାମାନଙ୍କୁ ଫିଟ ଓ ସୁସ୍ଥ ରଖିବାରେ ଶାଶକାସନ ନିଭାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ।

*ପ୍ରଣାଳି:* ପ୍ରଥମେ ବଜ୍ରାସନରେ ବସି ଧୀରେଧୀରେ ପ୍ରଶ୍ୱାସ ନେଇ ହାତ ଦୁଇଟି ଉପରକୁ ଉଠାନ୍ତୁ ।
ଏହାପରେ ନିଶ୍ୱାସ ଛାଡ଼ି ହାତକୁ ଲମ୍ବା ଆଗକୁ ନଇଁ ନଇଁ ଭୂମିରେ ଲଗାନ୍ତୁ ।
ପାପୁଲି, କହୁଣୀ ଓ ମୁଣ୍ଡ ଭୂମିରେ ଲଗାଇ ରଖନ୍ତୁ ।
କିଛି ସମୟ ଏହି ଅବସ୍ଥାରେ ରହି ପୁଣି ବଜ୍ରାସନକୁ ଫେରି ଆସନ୍ତୁ ।

*ଲାଭ:*

ପେଟ, ଅଣ୍ଟା ଓ ନିତମ୍ବର ଚର୍ବି ଦୂର କରେ ।
ଗର୍ଭାଶୟକୁ ଶକ୍ତିଶାଳୀ କରେ ।
ମାନସିକ ରୋଗ, ଚିନ୍ତା, କ୍ରୋଧ ଆଦିକୁ ଦୂର କରେ ।
ଯକୃତ, ଅଗ୍ନାଶୟ ଓ କିଡନୀକୁ ସୁଦୃଢ଼ କରେ ।
ହୃତପିଣ୍ଡର ସ୍ୱାଭାବିକ ମାଲିସ କରେ ।



# ଦାମ୍ପତ୍ୟ ଜୀବନରେ ବାଧକ ନୁହେଁ ଅର୍ଥ



ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ଭଲ ପାଇବାର ଆବଶ୍ୟକତା ରହିଥାଏ । ପରସ୍ପରକୁ ଭଲ ପାଉଥିବା ଦମ୍ପତିଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ବାସକରିବା ପାଇଁ ଅର୍ଥ ବାଧକ ସାଜି ନଥାଏ । ତେବେ ସ୍ଥଳ ବିଶେଷରେ ମହିଳା ଓ ପୁରୁଷ ଏକ ଉପଯୁକ୍ତ ସାମାଜିକ ସ୍ଥିତିରେ ପହଞ୍ଚିଲା ପରେ ବିବାହ କରିବାକୁ ମନସ୍ଥ କରିଥାନ୍ତି । ପୁରୁଷମାନେ ନିଜର ଘର, ଗାଡ଼ି, ବ୍ୟାଙ୍କ ବାଲାନ୍ସ ଆଦିକୁ ହାସଲ କରିବା ପରେ ଦାମ୍ପତ୍ୟ ଜୀବନ ବିତାଇବାକୁ ଚିନ୍ତା କରିଥାନ୍ତି । ଏହା ସେମାନଙ୍କର ସ୍ୱାଧୀନ ମନୋଭାବକୁ ସୂଚିତ କରିଥାଏ । ଦାମ୍ପତ୍ୟ ଜୀବନରେ ଶାନ୍ତି ପାଇଁ ପରସ୍ପର ପ୍ରତି ସହାନୁଭୂତି, ନିଜନିଜ ମଧ୍ୟରେ ସହଯୋଗ, ପରସ୍ପରର ମନୋଭାବ ବୁଝିବା ଆଦି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅର୍ଥ ସୁଖୀ ଦାମ୍ପତ୍ୟ ଜୀବନର ଏକଅଙ୍ଗ । ମାତ୍ର ଏହା ଦ୍ୱାରା ଦାମ୍ପତ୍ୟ ଜୀବନ ପ୍ରଭାବିତ ହୋଇ ନଥାଏ ବୋଲି ଗବେଷକ କହିଛନ୍ତି । ଦମ୍ପତି ଅଳ୍ପ ରୋଜଗାରରେ ମଧ୍ୟ ଶାନ୍ତିରେ ବାସ କରିଥାନ୍ତି । ମାତ୍ର ଅନେକ ସ୍ଥଳେ ଅଧିକ ଆୟ ସତ୍ତ୍ୱେ ଦମ୍ପତିଙ୍କ ମଧ୍ୟରେ ତାଳମେଳ ରହି ନଥାଏ । ସେମାନଙ୍କ ମଧ୍ୟରେ ଅସହିଷ୍ଣୁ ଭାବ ପରିପ୍ରକାଶ ହୋଇଥାଏ । ଫଳରେ ଦାମ୍ପତ୍ୟ ଜୀବନର ଶାନ୍ତି ଭଙ୍ଗ ହୋଇଥାଏ ।

ଶ୍ରୀ ପରେଶ ଚନ୍ଦ୍ର ସାହୁ

# କଂସ କାରାଗାର

ଆମେରିକାରେ ଶିଶୁ ମାନେ ଏବେ underweight ହୋଇ ଜନ୍ମ ହେଲେଣି । ଭାରତ କ୍ଷେତ୍ରରେ ମଧ ସେଇଆ ଦେଖା ଦେଲାଣି । premature delivery ଙ୍କ ସଂଖ୍ୟା ବି ବଢ଼ିଯାଉଛି । ଅଶ୍ୱତଥାମାର ବ୍ରହ୍ମାସ୍ତ୍ର ମାଡ଼ଖାଇ ଉତ୍ତରା ପରିକ୍ଷୀତଙ୍କୁ ଜନ୍ମ ଦେବା ଭଳିଆ ଅବସ୍ଥା ହେଲାଣି । ଗର୍ଭସ୍ଥ ଭୃଣଟି ପୂର୍ଣ୍ଣାଙ୍ଗରେ ବିକଶିତ ହୋଇ ଜନ୍ମ ହେବାର ଗ୍ୟାରେଣ୍ଟି ଦେବାବି କଠିନ । ପ୍ରକୃତି ଆଜି ଖରାପ, ପ୍ରଦୂଷିତ, ମାଟି, ପାଣି, ପବନ, ଖାଦ୍ୟ ଆଜି ପ୍ରଦୂଷିତ । ଖାଇବା ଜିନିଷରେ ଖାଦ୍ୟର ଗୁଣବତା ଆଉ ରହୁନାହିଁ । ମାତୃଗର୍ଭରେ ସମସ୍ୟା ଉପୁଜିଲାଣି, ସବୁ ଅର୍ଗାନ ଠିକ ଭାବରେ ଲକ୍ଟକ୍ୱଙ୍କବସ୍ରସକ୍ଟଭ ହେଉନାହିଁ । ଗଠନ ପ୍ରକ୍ରିୟା ବାଧାପ୍ରାପ୍ତ, ଅଳ୍ପାୟୁ ହୋଇ ପିଲାମାନେ ଜନ୍ମ ହେଉଛନ୍ତି ।

କଂସ ବିଷୟରେ କାହାକୁ ବା ଜଣା ନାହିଁ । ନିଜର ଭଉଣୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ରଥରେ ବସାଇ ନେଲା ବେଳେ ହଠାତ ଶୂନ୍ୟବାଣୀ ହେଲା ‘ତୁ ଯାହାକୁ ରଥରେ ବସାଇ ନେଉଛୁ ସେଇ ଦେବକୀର ଅଷ୍ଟମ ଗର୍ଭର ସନ୍ତାନ ତୋର ମୃତ୍ୟୁର କାରଣ ହେବ’ । କଂସ ଏତେ ମାତ୍ରାରେ ଭୟଭୀତ ହୋଇଗଲା ଯେ ମୂଳୁ ମାଇଲେ ଯିବ ସରି ନୀତିକୁ ଆପଣାଇ ବସୁଦେବ ଓ ଦେବକୀଙ୍କୁ କାରାଗାର ଭିତରକୁ ନିକ୍ଷେପ କଲା ଏବଂ ସତ୍ୟ କଲା ପ୍ରତ୍ୟେକଟି ପିଲା ଜନ୍ମ ହେଲାମାତ୍ରେ ତାକୁ ଦେଇଦେବେ । ବସୁଦେବ ଏବଂ ଦେବକୀ ନିରୁପାୟ ହୋଇ ସତ୍ୟକୁ ରକ୍ଷା କରିବେ ବୋଲି ପ୍ରତିଶୃତି ଦେଲେ ।

ତେବେ ପ୍ରଶ୍ନ ଆସେ କଂସ ଏପରି କାହିଁକି ହେଲା । ତାର ମାତା ଇନ୍ଦୁମତୀ ହୋଇପାରନ୍ତି ମାତ୍ର ପିତା ଉଗ୍ରସେନ ନୁହଁନ୍ତି । ତାର ପିତା ଥିଲେ ଦୃମିଳ ରାକ୍ଷସ ଯିଏଥିଲେ ଏକ ଗନ୍ଧର୍ବ ଆଉ ଉଗ୍ରସେନ ରୂପରେ ଇନ୍ଦୁମତିକୁ ରମଣ କରିଥିଲେ । ତେଣୁ ନାଳ ନର୍ଦମାରୁ ଯାହାର ସୃଷ୍ଟି ତାଠୁ ଆଉ କଣ ବା ଆଶା କରାଯାଇପାରେ । ଗଙ୍ଗା ନଦୀର ମହାଣ ନିକଟରେ ରହୁଥିବା ଲୋକେ ଗଙ୍ଗତ୍ରୀର ଗଙ୍ଗା ବିଷୟରେ କଣ ଜାଣିବେ ? ଗଙ୍ଗା ପବିତ୍ରତାର ପ୍ରତୀକ who does not know what is bad ।

ଆମେ ଏବେ କଂସ କାରାଗାର ବିଷୟରେ ଚର୍ଚ୍ଚା କରିବା । ରାକ୍ଷାସଗଣ ମନୁଷ୍ୟ ମାନଙ୍କୁ ଯେମିତି ହଇରାଣ ହରକତ କରନ୍ତି ଠିକ୍ ସେମିତି ଅସୁର ମାନେ ଦେବତା ମାନଙ୍କ ସହ ସଂଗ୍ରାମରେ ଲିପ୍ତ ରହନ୍ତି । କଂସ ଥିଲା ଏକ ଅସୁର । ସନ୍ଧି ବିଛେଦ କଲେ ନ+ସୁର = ଅସୁର ଅର୍ଥାତ ଯାହା ଠାରେ ଦେବତ୍ୱ ନଥାଏ । ଦବାର କ୍ଷମତା ଯାହାଠାରେ ନଥାଏ ସିଏ, ଯିଏ କିଛି ଦଉଛି ତାର ଶତୃ ପାଲଟି ଯାଏ । ଦେବତା ମାନେ ସ୍ୱର୍ଗରେ ବାସ କରନ୍ତି । ସେମାନେ ଅମର, ନିର୍ଲିପ୍ତ । ତାଙ୍କ ପାଖରେ ସମର୍ପଣଭାବ ରହିଥାଏ । ମାତ୍ର ଅସୁର ମାନଙ୍କ ଠାରେ ତାହା ନଥାଏ । ସ୍ୱର୍ଗରେ ଥିବା ଦେବତା ମାନେ ଉର୍ଦ୍ଧ ମୁଖା । ସେମାନେ ଉଚ୍ଚ ସଂସ୍କାର ସମ୍ପନ୍ନ । ବିଶ୍ୱବ୍ରହ୍ମାଣ୍ଡ ବିଷୟରେ ଜାଣନ୍ତି, କେହି ଜଣେ ସୃଷ୍ଟି ସଂଚାଳନ କରୁନାହିଁ । A system is responsible : ମାତ୍ର ଅସୁର ରାକ୍ଷସମାନେ ଅହଂଭାବ ଯୋଗୁଁ ମୁଁ କରୁଛି ବୋଲି ଦାବି କରନ୍ତି ଏବଂ ଗର୍ବରେ ଉନ୍ମୁକ୍ତ ହୋଇ ଦେବତା ତଥା ଭଗବାନଙ୍କୁ ଅବଜ୍ଞା କରନ୍ତି । ସୁତରାଂ କଂସ କାରାଗାର ମାନେ ଯେଉଁଠି system ନୁହେଁ ବ୍ୟକ୍ତିଗତ ସ୍ତରର ଏକ ସ୍ଥାନ । ସେଠାରେ ବ୍ୟକ୍ତିଗତ ସ୍ତରକୁ ଯାଇ ଅନ୍ୟକୁ ଦାୟୀ କିମ୍ବା ଦୋଷୀ ବୋଲି କୁହନ୍ତି । ପରିଶେଷରେ କଳି ହିଁ ସୃଷ୍ଟି କରନ୍ତି ।

କଂସାସୁର ଯିଏ କିଛି ଦେଇ ପାରେ ନାହିଁ । ଦୁଃଖ, କଷ୍ଟ, ନିର୍ଯ୍ୟାତନା ହିଁ ଦେଇପାରେ । ବସୁଦେବ ଦେବକୀଙ୍କୁ ସିଏ ଦେଇଥିଲା । ମିତ୍ରଦ୍ରୋହ ପାପରେ ବୁଡ଼ିଥିଲା । ଦେବକୀର ଗୋଟିଏ ପରେ ଗୋଟିଏ ପୁଅକୁ ସିଏ ମାରି ଚାଲିଥିଲା । କି ନୃଶଂସ । ଦୟା ଧର୍ମ ତା ପାଖରେ ନଥିଲା । ଯେତେବେଳେ ଜାଣିଲା କୃଷ୍ଣ ଜନ୍ମ ହୋଇ ଗୋପରେ ବଢ଼ୁଛି ସେ ଆହୁରି ଅତ୍ୟାଚାରୀ ହୋଇଗଲା ।

ତେବେ କଂସ କାରାଗାରକୁ ବ୍ୟାଖ୍ୟା କଲେ କ’ଣ ହୋଇପାରେ । କାରାଗାର ଅନ୍ଧକାର । ବାହାରର ଆଲୋକ ଭିତରକୁ ପ୍ରବେଶ କରେ ନାହିଁ । ଯେଉଁ ତିମିରକୁ ସେଇ ତିମିର । ଘରେ ମଧ ଆବଦ୍ଧ ହୋଇ ରହିଲେ ସେଇ କାରାଗାର । ଆଜିକାଲି ଲୋକେ ଖାଲି ଘର ତିଆରି କରୁଛନ୍ତି କିନ୍ତୁ ବାହାର ତିଆରି କରିପାରୁ ନାହାଁନ୍ତି । ନିଜର ଅଭିବୃଦ୍ଧି ହୋଇପାରୁ ନାହିଁ । ଆତ୍ମା ସ୍ତରକୁ ଯାଇ ପରମାତ୍ମାକୁ ପ୍ରାପ୍ତ ହୋଇପାରୁ ନାହାଁନ୍ତି ।

ସ୍ୱାଧୀନତା ପ୍ରାପ୍ତି ପରଠୁ ଦେଶ ବିଷୟରେ ଆମେ ଯଦି ଚିନ୍ତା କରୁ ଆମେ ସେୟାହିଁ ଦେଖିବା । ପ୍ରଚଳିତ ପରମ୍ପରାକୁ ଉପେକ୍ଷା କରି ଆମେରିକାର ପ୍ରଚଳିତ ଗଣତନ୍ତ୍ରକୁ ଭାରତ ଉପରେ ଲଦି ଦିଆଯାଉଛି । ସମ୍ବିଧାନ ପ୍ରଣୟନ କରାଗଲା । କଣ ନା India is a developing country । ତାମାନେ ଆମେରିକା ପୁରା developed । ରାସ୍ତାଘାଟ, କୋଠାବାଡ଼ି, ଦୋକାନ ବଜାର ହୋଇଗଲେ ସିଏ developed ହୋଇଗଲା ? ବିବେକାନନ୍ଦ ଚିକାଗୋ ଧର୍ମ ସମ୍ମିଳନୀରେ ଆମେରିକାବାସୀଙ୍କୁ କହିଥିଲେ – “India was in the top of civilization while you were wondering in jungles” । ଆମେରିକା ଆମ ଆଗରେ ଛୁଆ, ବାରଭାଇ ଆଖଡ଼ା । ଆମେରିକାର ସଭ୍ୟତା ଏଇ ୩୦୦/୪୦୦ ବର୍ଷର । ପରିବେଶବିତ ମାନେ କହନ୍ତି ୧.୫ ମିଟର ସମୁଦ୍ରଜଳ ଉପରକୁ ଉଠିଲେ ଆମେରିକାର ୬୦ ରୁ ୭୦ ଭାଗ ବୁଡ଼ିଯିବ । ତାର ଅର୍ଥ ଆମ ଭାରତର ସମୁଦ୍ର ଅବବାହିକା ଯେବେଠାରୁ ସୃଷ୍ଟି ଆମେରିକାର ମଧ ସେବେଠାରୁ ସୃଷ୍ଟି । ମାଟିତଳର ଅସରନ୍ତି ପାଣି, ଉର୍ବରତା, ଖଣିଜ ସମ୍ପଦ ଇତ୍ୟାଦିକୁ ବିନିଯୋଗ କରି ଯେକୌଣସି ଦେଶ ଉପରକୁ ଉଠିଯିବ । ନିଜର ଏଇ ସମ୍ପଦକୁ ବିନିଯୋଗ କରି ଆମେରିକା ଆଜି ବିତ୍ତଶାଳୀ ରାଷ୍ଟ୍ର । ଯୁଦ୍ଧ ସାମଗ୍ରୀ ବିଭିନ୍ନ ଦେଶକୁ ବିକ୍ରୀ କରି ସେ ଧନୀ ହୋଇଛି । ଆମେରିକା ଆଉ ଆମେରିକା ହୋଇ ନାହିଁ । ସବୁଥିରେ privatization କରି ଲୋକେ ମାଗଣା ବା କିଞ୍ଚିତ ସରକାରୀ ସୁଯୋଗ ପାଇବାରୁ ବଞ୍ଚିତ । ସଂସ୍କାର ଓ ଶୃଙ୍ଖଳା ବୋଲି କିଛି ନାହିଁ । ଆମେରିକାର ସଭ୍ୟତାକୁ ବର୍ଣ୍ଣନା କରିବାକୁ ଯାଇ ଜଣେ କହନ୍ତି “ସ୍ୱାମୀ ସ୍ତ୍ରୀ କଥା ହେଉଛନ୍ତି – ବୁଝିଲ ତମ ପିଲା ଓ ମୋ ପିଲା ଆମ ମାନଙ୍କ ପିଲା ସହ ଖେଳୁଛି ।” ଅର୍ଥ ଅଧିକ ହୋଇଗଲେ ମଣିଷ ଧନି ହୋଇଯାଏ ନାହିଁ, ସଭ୍ୟ ହୋଇଯାଏ ନାହିଁ! ସଂସାର ହିଁ ମଣିଷକୁ ସଭ୍ୟ ତଥା ମର୍ଯ୍ୟାଦା ସମ୍ପନ୍ନ କରିଥାଏ । ଆମରି ଲୋକେ ଆମେରିକା ପଛରେ ଦଉଡୁଛନ୍ତି । ନିଜପାଇଁ ମଜବୁତ ଘରଟିଏ କରି ଆଧୁନିକ ବୋଲି କହିବୁଲୁଛନ୍ତି । ଝିଅ ପିକନିକ ଯିବା ବେଳେ (ଆମେରିକାରେ) ମା କହୁଛି କଣ୍ଡୋମ ସାଙ୍ଗରେ ନେଇଛୁ ତ! ଏହାଠାରୁ ଲଜ୍ଜାଜନକ କଥା କଣ ହୋଇପାରେ ।

ଆମେରିକା, ଉଚି ଉଚି ଇମାରତେ, ନବଷ୍ଟୁମ୍ବୀ ଅଟାଳିକା । କରୋନା ବେଳେ ଆମେ ଆମେରିକା ବିଷୟରେ ଜାଣିଛେ । ପୃଥିବୀର ସବୁଠାରୁ ବେଶୀ ବଲଲରମସ୍ତ୍ରରୟ ଲୋକଙ୍କର ସଂଖ୍ୟା ଥିଲା । ଏସବୁ କହିବାର ଉଦ୍ଦେଶ୍ୟ ହେଉଛି ଆମେରିକା ଆମ ପାଇଁ କଂସ ନୁହେଁ ତ ? ବର୍ତ୍ତମାନ ଦୁନିଆରେ ମହତ ଲୋକଙ୍କର ଆଦର ପରିବର୍ତ୍ତେ ଯେ କ୍ଷତି କରିବ ତାପାଖରେ ନତମସ୍ତକ ହେଉଛନ୍ତି । ଜଙ୍ଗଲି ରାଜ । ଜୋର ଯାର ମୁଲକ ତାର । ଏ ଦୁନିଆ ଭାଇ ଆଫ୍ରିକା ଜଙ୍ଗଲ । ମଣିଷ କଣ ସତରେ ନାହାଁନ୍ତି ? ହଁ ମଣିଷ ମାନେ ଏବେ ଜଣେ ଜଣେ ଗୃହପାଳିତ ପଶୁ । କର୍ମ ନକରି ଖାଇବା, ଶୋଇବା ଓ ବଂଶ ବୃଦ୍ଧି କରିବା । ସେଇଟା ପଶୁମାନେ ବି କରୁଛନ୍ତି । ତାହେଲେ ମଣିଷ ପଶୁଠୁ କେମିତି ଅଲଗା ହେବ ? ହେବ ଯଦି ତା ଠାରେ ବିବେକ ରହିବ, ବିଚାରଶକ୍ତି ରହିବ ଓ ରହିବ ଚେତନା । ଭାଲୁ ଜାମୁକୁଳି ଖାଇ ମଳତ୍ୟାଗ କଲା । ଅନେକ ଗଛ ଏକାଠି ଉଠିଲା । ତାକୁ ନେଇ ଭିନ୍ନ ଭିନ୍ନ ସ୍ଥାନରେ ଲଗାଇବା ହେଉଛି ମଣିଷର କର୍ତ୍ତବ୍ୟ । ସୃଷ୍ଟି ପରିଚାଳନାର ଆଗଧାଡ଼ିର ପ୍ରାଣୀ । ଭଗବାନ ହେଲେ ବିଶ୍ୱ ବ୍ରହ୍ମାଣ୍ଡର ଚେତନା । ସେଇ ଚେତନାକୁ ଧରାପୃଷ୍ଠରେ କାର୍ଯ୍ୟକରାଇବା ହେଉଛି ମଣିଷର କର୍ତ୍ତବ୍ୟ । ମଣିଷ ମଧରେ ନୃପତି ବା ରାଜା । ବିଭୁତି ଯୋଗରେ ଏଇହିଁ ଅଛି । ରାଜା ଯିଏ ପ୍ରଜା ମାନଙ୍କର ମଙ୍ଗଳକାମନା କରି ରାତି ରାତି ଉଜାଗର ରହିପାରେ । ମାତ୍ର ଏବେକାର ମଣିଷ ସ୍ୱାର୍ଥପର ହୋଇଛି । ନିଜଛଡ଼ା ଆଉ କାହାକଥା ଭାବୁ ନାହିଁ । ବିର୍ଯ୍ୟ ନିଷ୍କାସନ ପଦ୍ଧତିରେ ଯେଉଁ ପିଲାସବୁ ଜନ୍ମ ହେବେ ସେଇମାନେ ତ ସ୍ୱାର୍ଥପର ହିଁ ହେବେ । ନାଳ ନର୍ଦମାରୁ ସୃଷ୍ଟି ହୋଇଥିବା ଜେନେରେସନ ଠୁ କଣ ବା ଆଶା କରାଯାଇପାରେ । ଯେଉଁ ପିଲାର ଭବିଷ୍ୟତ ତୁମ ହାତରେ ନାହିଁ ଜନ୍ମ ହୋଇଗଲା ପରେ କଂସ ହାତକୁ ଟେକିଦେବା ହିଁ ସାର ହେବ ।

ଆମେରିକାରେ ଶିଶୁ ମାନେ ଏବେ underweight ହୋଇ ଜନ୍ମ ହେଲେଣି । ଭାରତ କ୍ଷେତ୍ରରେ ମଧ ସେଇଆ ଦେଖା ଦେଲାଣି । premature deliveryଙ୍କ ସଂଖ୍ୟା ବି ବଢ଼ିଯାଉଛି । ଅଶ୍ୱତଥାମାର ବ୍ରହ୍ମାସ୍ତ୍ର ମାଡ଼ଖାଇ ଉତ୍ତରା ପରିକ୍ଷୀତଙ୍କୁ ଜନ୍ମ ଦେବା ଭଳିଆ ଅବସ୍ଥା ହେଲାଣି । ଗର୍ଭସ୍ଥ ଭୃଣଟି ପୂର୍ଣ୍ଣାଙ୍ଗରେ ବିକଶିତ ହୋଇ ଜନ୍ମ ହେବାର ଗ୍ୟାରେଣ୍ଟି ଦେବାବି କଠିନ । ପ୍ରକୃତି ଆଜି ଖରାପ, ପ୍ରଦୂଷିତ, ମାଟି, ପାଣି, ପବନ, ଖାଦ୍ୟ ଆଜି ପ୍ରଦୂଷିତ । ଖାଇବା ଜିନିଷରେ ଖାଦ୍ୟର ଗୁଣବତା ଆଉ ରହୁନାହିଁ । ମାତୃଗର୍ଭରେ ସମସ୍ୟା ଉପୁଜିଲାଣି, ସବୁ ଅର୍ଗାନ ଠିକ ଭାବରେ formation ହେଉନାହିଁ । ଗଠନ ପ୍ରକ୍ରିୟା ବାଧାପ୍ରାପ୍ତ, ଅଳ୍ପାୟୁ ହୋଇ ପିଲାମାନେ ଜନ୍ମ ହେଉଛନ୍ତି । ଦୁର୍ବଳ ଶରୀର, ମାଲ ନିଉଟ୍ରେସନ । ସ୍କୁଲରେ ପ୍ରାର୍ଥନା କରୁ କରୁ ଅଳ୍ପ ଟିକେ ଖରାରେ ପଡ଼ି ଯାଉଛନ୍ତି । ପରିବେଶ ଠିକ ରହୁନାହିଁ । ଋତୁ ପରିବର୍ତ୍ତନ ଆଉ ଠିକ ହେଉ ନାହିଁ । ବର୍ଷକ ତିନି ଋତୁ – ଗ୍ରୀଷ୍ମ, ବର୍ଷା ଓ ଶୀତ । ପିଲାମାନେ ତ ବିନା ଫେନରେ ଶୋଉ ନାହାଁନ୍ତି । ଏସିବି ବ୍ୟବହାର ହେଉଛି । କିଛିଦିନ ପରେ ପିଲାଏ କହିବେ ପଢ଼ିଆରେ ଆମ ପାଇଁ ସେଣ୍ଟ୍ରାଲି ଏସି କରାଯାଉ ଆମେ ଖେଳିବୁ ।

ପୁର୍ବରୁ ଗୁରୁକୁଳରେ ପାଠ ପଢ଼ାର ପ୍ରଥମ ଦିନରେ ଶିକ୍ଷା ଦିଆଯାଏ ଆମ ଶରୀର ପଞ୍ଚଭୂତରେ ତିଆରି । ସେକଥା ଲୋକେ ଭୁଲି ଗଲେଣି । ବିଜ୍ଞାନ ଯୁଗର ଛୁଆ । ମାଟି, ପାଣି, ପବନ, ଅଗ୍ନି ଓ ଆକାଶ ଏହି ପଞ୍ଚ ମହାଭୂତର ସନ୍ତୁଳନ ଠିକ ରହିଲେ ହିଁ ଅଲୌକିକ ସତ୍ତାର ପ୍ରଭାବ ମଣିଷ ଉପରେ ପଡ଼ିବ ଏବଂ ଆତ୍ମାର ସଂଚାର ହୋଇ ବ୍ରହ୍ମର ବିକାଶ ହେବ ଏବଂ ପରମାତ୍ମାଙ୍କ ସହ ସଂଯୋଗ ସ୍ଥାପନା କରିପାରିବ । ସେତେବେଳେ ମଣିଷ ନିଜେ ନିଜକୁ ସହାୟତା ଦେଇ ପାରିବ । ଅସହାୟତା ପ୍ରକାଶ କରିବ ନାହିଁ । ଆମେ ଜଣକୁ ଯେତେ ସହାୟତା ପ୍ରଦାନ କଲେ ମଧ ଅସହାୟତା ଦୂର କରିପାରିବା ନାହିଁ । କାରଣ ସେଇଟା ହେଉଛି ଆମୃଶାନ୍ତି । କଂସ କାରାଗାରରେ ଯାହାର ଜନ୍ମ, ପଞ୍ଚ ମହାଭୂତର ସନ୍ତୁଳନ ଠିକ ନାହିଁ, ଆତ୍ମା ବା ଅଲୌକିକ ସତ୍ତାର ପ୍ରଭାବ ପଡ଼ିବ କେମିତି ? ପଞ୍ଚ ମହାଭୂତରେ ଅଗ୍ନି ହେଉଛି ପବିତ୍ରତାର ପ୍ରତୀକ, ଯିଏ ଯେତେ ପବିତ୍ର ବା ତେଜିୟାନ ସିଏ ସେତେ ସହନଶୀଳ । କ୍ଷେତ୍ରୀୟଭାବଯୁକ୍ତ ମଣିଷ । ମାତ୍ର ଏବେ ମଣିଷଠାରେ ସେହି ପବିତ୍ରତା ନାହିଁ । ସେ ତେଜ ନାହିଁ । ନୃସିଂହ ଚେତନାର ଅଭାବ । ପ୍ରତିରୋଧ(ପ୍ରୋଟେଷ୍ଟ) କରିବା ପରିବର୍ତ୍ତେ ପ୍ରତିବାଦ ।

କୁରୁକ୍ଷେତ୍ର ଯୁଦ୍ଧର ଆରମ୍ଭରେ ଅର୍ଜୁନଙ୍କ ବିଶାଦଯୋଗ ଦୂରେଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବିଶ୍ୱରୂପ ଦର୍ଶନ କରାଇଥିଲେ । ସେ ଯେ ବିଶ୍ୱରୂପ, ସାରା ବିଶ୍ୱବ୍ରହ୍ମାଣ୍ଡ ତାଙ୍କରି ଭିତରେ ଥିଲା ଅର୍ଜୁନଙ୍କୁ ଆଗରୁ ଜଣାନଥିଲା । ଶ୍ରୀକୃଷ୍ଣ ଜଣେ ବ୍ୟକ୍ତି ବିଶେଷ ନୁହଁନ୍ତି । ସେ ଜଣେ system, ଯଦିବା ଅର୍ଜୁନ ଶ୍ରୀକୃଷ୍ଣଙ୍କ ସହିତ ଆଗରୁ ମିଶିଥିଲେ କିନ୍ତୁ ଜାଣିନଥିଲେ ।

ଏବେର ସରକାର systemକୁ ନେଇ ଚାଲୁନାହିଁ, ଚୋର ମାନଙ୍କର ସଂଖ୍ୟା ବଢ଼ିଗଲେ ପୋଲିସ ମାନଙ୍କ ସଂଖ୍ୟା ବଢ଼ାଇଦେବା, ଲୋନ ସୁଝିପାରୁ ନାହାଁନ୍ତି, ଛାଡ଼ କରିଦେବା, ସମସ୍ୟାର ସମାଧାନ ପାଇଁ department ପରେ department ଖୋଲିଦେବା ପ୍ରକୃତ ସମାଧାନ ନୁହେଁ । ଲୋକମାନେ କୌଣସି କାରଣ ପାଇଁ ବ୍ୟକ୍ତି ବିଶେଷଙ୍କୁ କିପରି ଦାୟି ନକରିବେ, ନିଜ ନିଜ ମଧରେ କାଦୁଅ ଫୋପଡ଼ା ଫୋପାଡ଼ି ନହେବେ, ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି ଆତ୍ମ ଜ୍ଞାନର କିପରି ପ୍ରସାର ହେବ ତାପାଇଁ ଯତ୍ନବାନ ହେବା ଦରକାର । ତାପରେ ସୃଷ୍ଟି କଣ ସେ ବିଷୟରେ ଶିକ୍ଷା ପ୍ରଦାନ କରି ସୃଷ୍ଟି ପରିଚାଳନାର ଗୁରୁ ଦାୟିତ୍ୱ ପ୍ରଦାନ କରିବା ଉଚିତ ନହେଲେ “ଆପଣା ମଧରେ କଳି କରି ଶେଷେ ଯଦୁ କୂଳ ନାଶ ଗଲେ” ଆଉ ବେଶି ଡ଼େରି ନାହିଁ ।

ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ
ଓଡ଼ିଶା ସରକାର,
ଉଦଳା, ମୟୂରଭଞ୍ଜ
ମୋ-୯୪୩୭୦୬୮୯୧୯

## ଛୋଟ ସୂତ୍ରରେ ସମାଧାନ

ହାତପାଆନ୍ତରେ ଥିବା କେତେକ ଛୋଟ ଜିନିଷ ବଡ଼ ବଡ଼ ସମସ୍ୟାର ସହଜରେ ସମାଧାନ କରିପାରେ । ଏ ସଂକ୍ରାନ୍ତ କିଛି କଥା ମନେ ରଖନ୍ତୁ

- କାର କାଚ ସଫା କରିବା ଲାଗି ପାଖରେ ସେପରି କିଛି ଜିନିଷ ନଥିଲେ, ପାଣିରେ ଲେମ୍ବୁରସ ମିଶାଇ ଖବର କାଗଜ କିମ୍ବା ଓ୍ୱାପର ସହାୟତାରେ ନେଇ ପୋଛି ଦିଅନ୍ତୁ କାଚ ସଫା ହୋଇଯିବ । ଲେମ୍ବୁ ଏସିଡରେ କାରର ସାମନା କାଚ, ଝରକା, ସାଇଡ ମିରର ଆଦି ସହଜରେ ସଫା କରିପାରେ ।
- ଓଦା ପାଗରେ ଲୁଣ ପାଣି ହୋଇଯିବା ପ୍ରତି ଘରେ ଏକ ସାଧାରଣ ସମସ୍ୟା । ଏଥିପାଇଁ କେତୋଟି ଅରୁଆଚାଉଳ ଲୁଣ ପାତ୍ରରେ ପକାଇ ଦିଅନ୍ତୁ । ଦେଖିବେ, ଲୁଣ ଶୁଖିଲା ରହିବ ।
- ମେହଦି ପତ୍ର ନଚେତ ଶୁଖିଲା ଲଙ୍କା ରହିଲେ ପୁସ୍ତକ ଏବଂ ପୋଷାକରେ ପୋକ ଲାଗିବେ ନାହିଁ । ୫-୧୦ଟି ଶୁଖିଲା ମେହେନ୍ଦି ପତ୍ର କିମ୍ବା ଲଙ୍କା ନେଇ ପୁସ୍ତକ ଓ ପୋଷାକ ରଖୁଥିବା ସ୍ଥାନରେ ରଖିଦିଅନ୍ତୁ ।
- ବାଲଟିଏ ପାଣିରେ ୨ଚାମଚ ରସୁଣ ରସ ଏବଂ ୨ଟୋପା ନୀଳଗିରି ତେଲ ପକାଇ ସେଥିରେ ଘର ପୋଛିଲେ ଦେଖିବେ ୫-୬ଘଣ୍ଟା ପର୍ଯ୍ୟନ୍ତ ମଶା ଆସିବେ ନାହିଁ ।

# ଆଖଣ୍ଡଳମଣି

**ରାଜ୍ୟର ବହୁ ପୁରାତନ ଶୈବକ୍ଷେତ୍ର ଭାବେ ପରିଚିତ ବାବା ଆଖଣ୍ଡଳମଣିଙ୍କ ପୀଠ, ଏହି ପୀଠକୁ ପ୍ରତିଦିନ ତଥା ବିଭିନ୍ନ ପର୍ବପର୍ବାଣିରେ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ମଣିବାବାଙ୍କ ଅପାର ମହିମା, କରୁଣା ଯୋଗୁ ଭକ୍ତ ମାନସିକ ପୂରଣ ନିମନ୍ତେ ମାସମାସ ଧରି ଅଧିଆ ପଡ଼ିଥାନ୍ତି ପୀଠରେ ।**

ବୈତରଣୀ ଓ ସାଳନ୍ଦୀ ନଦୀର ସ୍ୱସ୍ଥଳରେ ରହିଛି ଆଖଣ୍ଡଳମଣିଙ୍କ ମନ୍ଦିର । ଶହଶହ ବର୍ଷର ବିଶ୍ୱାସର ପ୍ରତୀକ ବାବା ଆଖଣ୍ଡଳମଣିଙ୍କ ପାଦୁକା ପାନ କଲେ ଜନ୍ମଜନ୍ମର, ଜାତକ ଦୋଷ କ୍ଷୟ ହୋଇଥାଏ ବୋଲି ଭକ୍ତମାନଙ୍କ ମଧରେ ବିଶ୍ୱାସ ରହିଛି । ସେଥିପାଇଁ ମଣିବାବାଙ୍କ ପୀଠରେ ବହୁ ମାନସିକଧାରୀ ଭକ୍ତ ମାସମାସ ଧରି ଅଧିଆ ପଡ଼ିବା ସହିତ ମନ୍ଦିର ବେଢ଼ା ମଧରେ ଥିବା ଅମୃତକୁଣ୍ଡର ଚରଣୋଦକ ସେବନ କରିଥାନ୍ତି ।



ପର୍ବପର୍ବାଣି ଓ ନୀତିପୂଜା: ମଣିବାବାଙ୍କ ମନ୍ଦିରରେ ବାରମାସରେ ପାଳିତ ହୋଇଥାଏ ଭିନ୍ନ ଭିନ୍ନ ପର୍ବପର୍ବାଣି । ଏଥିମଧରୁ ମହାଶିବରାତ୍ରି ଅନ୍ୟତମ । ଏହିଦିନ ବାବାଙ୍କ ପୀଠରେ ସାରା ରାତି ଉଜାଗର ରହି ଜାଗର ଦୀପ ଜାଳିଥାନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ । ଉକ୍ତ ଦିନ ବାବାଙ୍କୁ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାରରେ ବେଶ କରାଯିବା ସହ ଭୋଗ ୪ଘଟିକାରେ ମନ୍ଦିର ଚୂଡ଼ାକୁ ଉଠିଥାଏ ମହାଦୀପ । ଏହି ମହାଦୀପକୁ ଦର୍ଶନ କଲେ ସପ୍ତ ଜନ୍ମର ପାତକ ନାଶ ହୁଏ ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି । ସେହିପରି ବୈଶାଖବ୍ରତ, ଚନ୍ଦନଯାତ୍ରା, ଶିବବିବାହ ଦୋଳ ପୂର୍ଣ୍ଣିମା ଆଦି ପର୍ବରେ ବିଶେଷ ପୂଜାର୍ଚ୍ଚନା ହୋଇଥାଏ । ପ୍ରତ୍ୟେକ ଦିନ ମନ୍ଦିରର ପ୍ରଚଳିତ ରୀତିନୀତି ଅନୁଯାଇ ଭୋର ୪ଟାରେ ପହଡ଼ ଖୋଲିବା ପରେ ମଣିବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ ଘର୍ଷଣ ଓ ଜଳଲାଗି କରାଯାଇଥାଏ । ସକାଳ ୯ଟାରେ ପଇଡ଼ଖିଆ ନୀତି ଭୋଗ, ଦିବା ୧ଘଟିକା ଠାରୁ ୪ଘଟିକା ପର୍ଯ୍ୟନ୍ତ ଦିଅଁଙ୍କୁ ଯୋଗୀବେଶରେ ଦର୍ଶନ କରିଥାନ୍ତି ଭକ୍ତ ମାନେ, ୪୫ଟିକାରେ ଚନ୍ଦନ ଫୁଲ, ବିଭିନ୍ନ ଅଳଙ୍କାର ଲାଗି କରାଯାଇ ବାବାଙ୍କ ସଜ୍ଜିତ କରାଯାଏ । ବଡ଼ସିଂହାର ବେଶରେ ।

ମନ୍ଦିର ପ୍ରଶାସନ: ମଣିବାବାଙ୍କ ମନ୍ଦିର ସ୍ଥାପନ ହେବା ଦିନଠାରୁ ୧୯୪୪ ମସିହା ପର୍ଯ୍ୟନ୍ତ କନିକା ରାଜା ସାହେବଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ୧୯୪୫ ମସିହାରେ ମନ୍ଦିର ଦେବୋତ୍ତର ବିଭାଗକୁ ଚାଲିଗଲା । ବର୍ତ୍ତମାନ ପରିଚାଳନା ଦାୟିତ୍ୱ ବିଭାଗ ପକ୍ଷରୁ ଗଠିତ କମିଟି ଉପରେ ନ୍ୟସ୍ତ ବତର୍ତ୍ତମାନ ମନ୍ଦିରର ଜୀର୍ଣ୍ଣୋଦ୍ଧାର ଜରୁରି ହୋଇପଡ଼ିଲାଣି ।

କେମିତି ଯିବେ: ଭଦ୍ରକ ରେଲଷ୍ଟେସନଠାରୁ ବସ ସମେତ ଛୋଟବଡ଼ ଗାଡ଼ି ଆରଡ଼ି ଧାମକୁ ଆସିଥାଏ । ସେହିପରି ଯାଜପୁର ଭୁବନେଶ୍ୱର କଟକ ବାଲେଶ୍ୱରରୁ ପ୍ରତିଦିନ ଆରଡ଼ି ପୀଠକୁ ବସ ଯାତାୟତ କରିଥାଏ । ଜିଲ୍ଲାର



ଲୋକମାନେ ବୈତରଣୀର ମୁଆଁଘାଟ ପାରି ହୋଇ ପୀଠକୁ ଆସୁଥିବା ବେଳେ ସାଳନ୍ଦୀ ନଦୀର ତିନିତର ଓ ଧାନ କଣିଆ ଘାଟରେ ମଟରବୋଟ ଦ୍ୱାରା ଯାତ୍ରୀମାନେ ପାରି ହୋଇ ଆସିଥାନ୍ତି ।



## କଦଳୀ ଦହିବରା

**ଦହିବରା ତ ସମସ୍ତେ ଖାଇଥିବେ । ଏବେ କଦଳୀରେ ଦହିବରା ପ୍ରସ୍ତୁତ କରି ସ୍ୱାଦ ଜାଣନ୍ତୁ । କଞ୍ଚା କଦଳୀକୁ ଡାଲମା, ଭଜାରେ ବ୍ୟବହାର କରାଯାଉଥିବାବେଳେ ଏପରି ଏକ ନୂଆ ଖାଦ୍ୟ ନିଶ୍ଚୟ ସ୍ୱାଦରେ ପରିବର୍ତ୍ତନ ଆଣିବ ।**

**ଆବଶ୍ୟକ ସାମଗ୍ରୀ:**

ପ୍ରସ୍ତୁତି କଦଳୀକୁ ସିଝାଇ ବାହାର କରିଦିଅନ୍ତୁ ମଟରଗୁଡ଼ିକୁ ଖଣ୍ଡ ଖଣ୍ଡ କରି ବାଟି ଦେବେ । କଞ୍ଚାଲଙ୍କା ଓ ଅଦାକୁ ଛୋଟଛୋଟ କରି କାଟି ରଖିବେ । କଦଳୀ ସିଝାରେ ଲଙ୍କା ଓ ଅଦା କଟା, ଲଙ୍କାଗୁଣ୍ଡ, ମଟର,



ଲୁଣ ଏବଂ କଟା ଧନିଆପତ୍ର ଭଲଭାବେ ମିଶାଇ ଚକଟି ଦିଅନ୍ତୁ । ଏହାର ପ୍ରାୟ ୨୦ଟି ଗୁଳା କରି ସାମାନ୍ୟ ଚେପଟା କରିଦେଇ ରଖନ୍ତୁ । କଡ଼େଇରେ ତେଲ ଗରମ କରି ଏହି ଗୁଳାଗୁଡ଼ିକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଛାଣିବେ । କଦଳୀ ବରା ପ୍ରସ୍ତୁତ ହୋଇଗଲା । ଏବେ ଦହିରୁ ପାଣି ଛାଣିଦେବା ପରେ ସେଥିରେ ସ୍ୱାଦନୁସାରେ ଲୁଣ ଏବଂ ଜିରାଗୁଣ୍ଡ ମିଶାଇ ରଖିବେ । ଖାଇବାର ୧୦ମିନିଟ ପୂର୍ବରୁ ଦହିରେ ଏହି ବରା ପକାଇ ଦିଅନ୍ତୁ । ଉପରେ ବି ଅଳ୍ପ ଦହି ପକାଇବା ସହ ଲଙ୍କାଗୁଣ୍ଡ ଜିରାଗୁଣ୍ଡ ଏବଂ ଧନିଆ ପତ୍ରରେ ସଜାଇ ପରିଷିଦେବେ ।

**ଆବଶ୍ୟକ ସାମଗ୍ରୀ:**

୬ଟି କଞ୍ଚା କଦଳୀ, ଛୋଟ ଚାମଚରେ ୨ଚାମଚ ଲଙ୍କାଗୁଣ୍ଡ ଏବଂ ୨ ଚାମଚ ଭଜା ଜିରାଗୁଣ୍ଡ ୧୨୫ ଗ୍ରାମ ଗ୍ରୀନ ମଟର, ଚାରୋଟି କଞ୍ଚାଲଙ୍କା, ଛୋଟ ଅଦା ଖଣ୍ଡେ, ୫୦ଗ୍ରାମ ଧନିଆପତ୍ର, ୫୦୦ ଗ୍ରାମ ଦହି ଏବଂ ସ୍ୱାଦନୁସାରେ ଲୁଣ ଓ ଛାଣିବା ଲାଗି ରିଫାଇନ ତେଲ ।

# ୪ଟି ବଗିରେ ଚାଲିଛି ନୂଆଗାଁ-ପୁରୀ ପାସେଞ୍ଜର : ଏବେ ଭିଡ଼ ଅସମ୍ଭାଳ, ଆଗକୁ ଆସୁଛି କାର୍ତ୍ତିକ



ନୟାଗଡ଼ ,୧୯/୦୯ (ନି.ପ୍ର): ବହୁ ଦାବି, ବାଦବିବାଦ ପରେ ନୟାଗଡ଼ ଜିଲ୍ଲାରୁ ଇତିମଧ୍ୟରେ ପୁରୀକୁ ଟ୍ରେନ୍ ସେବା ପୁନର୍ବାର ଆରମ୍ଭ ?ହୋଇଛି । ମାତ୍ର କିଛି ମାସ ତଳେ ଏହି ଟ୍ରେନ୍ ସେବା ଆରମ୍ଭ ହୋଇଥିବା ବେଳେ, ପ୍ରଥମେ ଏହା ପ୍ରାୟ ୭ଟି ବଗି ସହିତ ଚଳାଚଳ କରୁଥିଲା । ତେବେ ଲୋକ ନ ହେବା କାରଣରୁ ୩ଟି ବଗି କାଢ଼ି ଦିଆଯାଇଥିବା ବେଳେ, ବର୍ତ୍ତମାନ ଏହା ୪ଟି ବଗିରେ ଚାଲୁଛି । ତେବେ ଧୀରେ ଧୀରେ ଏହି ପାସେଞ୍ଜର ଟ୍ରେନ୍ ପ୍ରଚାରପ୍ରସାର ପରେ ଲୋକଙ୍କର ଯିବାଆସିବା ଅଭ୍ୟାସ ବଢ଼ିଛି । ବଗି ସଂକଟ ବର୍ତ୍ତମାନ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ବଗି ଥିବା ବେଳେ ଯାତ୍ରୀ ନଥିଲେ, ବଗି କମିଯିବା ବେଳକୁ ଯାତ୍ରୀ ବଢ଼ିବା ବିଚିତ୍ର ସ୍ଥିତି ସୃଷ୍ଟି କରିଛି । ରେଳ ବିଭାଗର ତରବରିଆ ନିଷ୍ପତ୍ତି ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ବଗି ସଂଖ୍ୟା ବଢ଼ାଇବାକୁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ଏନେଇ ଗଣମାଧ୍ୟମ ଜରିଆରେ ମଞ୍ଚ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛି । ପୁରୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଚଳାଚଳ କରୁଥିବା ଟ୍ରେନ୍‌ରେ ମାତ୍ର ୪ଟି ବଗି ରହିବା ଜିଲ୍ଲାର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ଉପହାସ ସଦୃଶ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ, ନୟାଗଡ଼ ଜିଲ୍ଲାରୁ ଏହି ଗୋଟିଏ ମାତ୍ର ଟ୍ରେନ୍ ସକାଳ ୬ଟା ୩୦ରେ ନୂଆଗାଁ ଷ୍ଟେସନ୍‌ରୁ ବାହାରି ପୁରୀ ଅଭିମୁଖେ ଯାତ୍ରା କରିଥାଏ । ଏହି ଟ୍ରେନ୍ ଉପରେ ଜିଲ୍ଲାର ନୂଆଗାଁ ସମେତ ଦଶପଲ୍ଲା, ଗଣିଆ, ମଧ୍ୟଖଣ୍ଡ, ନୟାଗଡ, ଓଡ଼ଗାଁ, ଶରଣକୁଳ, ଖଣ୍ଡପଡ଼ା ଆଦି ସ୍ଥାନରୁ ଦୈନିକ ଶହଶହ ଲୋକ ପୁରୀ ଯିବା ପାଇଁ ନିର୍ଭର କରିଥାନ୍ତି । ଅତ୍ୟଧିକ ଭିଡ଼ ଏବଂ ସମୟସାପେକ୍ଷରୁ ବର୍ତ୍ତିବା ପାଇଁ ଲୋକମାନେ ବସ୍‌ରେ ନଯାଇ ଟ୍ରେନ୍‌ରେ ପୁରୀ ଯିବା ପାଇଁ ଅଧିକ ପସନ୍ଦ କରୁଛନ୍ତି । କିନ୍ତୁ ଉକ୍ତ ଟ୍ରେନରେ କମ୍ ସଂଖ୍ୟକ ବଗି ଯୋଗୁ ସ୍ଥାନର ଅଭାବ ତଥା ଅତ୍ୟଧିକ ଭିଡ଼ ଯୋଗୁ ଯାତ୍ରୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି । ଏପରିକି ଅନେକ ସମୟରେ ପୁରୀ ପର୍ଯ୍ୟନ୍ତ ଛିଡ଼ା ହୋଇ ଯିବାକୁ ବାଧ ହେଉଛନ୍ତି । ସ୍ଥିତି ଏଭଳି ଯେ ନୟାଗଡ଼ ଟାଉନ୍ ଷ୍ଟେସନ୍‌ରୁ ମଧ ଯାତ୍ରୀମାନଙ୍କୁ ସିଟ୍ ମିଳୁ ନାହିଁ । ନୟାଗଡ଼ ଷ୍ଟେସନ୍ ପରେ ପଡୁଥିବା ବୋଲଗଡ଼ ରୋଡ୍, ବୋଲଗଡ଼ ଟାଉନ୍, ରାଜସୁନାଖଳା, ବେଗୁନିଆ, ଖୋର୍ଦ୍ଧା ରୋଡ୍ ଭଳି ଷ୍ଟେସନ୍‌ରୁ ଶହଶହ ଯାତ୍ରୀ ପୁରୀ ଯିବା ପାଇଁ ଏହି ଟ୍ରେନରେ ଚଢ଼ିଥାନ୍ତି । ଫଳରେ ସ୍ଥିତି ଅସମ୍ଭାଳ ହୋଇପଡୁଛି । ଆଗକୁ କାର୍ତ୍ତିକ ମାସ ଆସୁଥିବାରୁ ପୁରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ହବିଷ୍ୟାଳିଙ୍କ ସମେତ ସାଧାରଣ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ତେଣୁ ବଗି ସମସ୍ୟା ପ୍ରତି ତୁରନ୍ତ ରେଳ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ମତପ୍ରକାଶ ପାଇଛି ।

# ନୂତନ ରାଜ୍ୟ ଜଳ ନୀତି ସଂପର୍କିତ ବୈଠକ ଅନୁଷ୍ଠିତ

ଭୁବନେଶ୍ୱରତା ,୧୯/୦୯ (ନି.ପ୍ର): ରାଜ୍ୟରେ ନୂତନ ଜଳ ନୀତି ପ୍ରଣୟନ ସଂପର୍କିତ ଅନ୍ତଃ ବିଭାଗୀୟ ବୈଠକ ଶନିବାର ରାଜ୍ୟ ଜଳସଂପଦ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ଜଳ ସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଯୋଗଦେଇ ଆଗାମୀ ଦିନରେ ପ୍ରଣୟନ ତଥା କାର୍ଯ୍ୟକାରୀ ହେବାକୁ ଥିବା ପ୍ରସ୍ତାବିତ ନୂତନ ରାଜ୍ୟ ଜଳ ନୀତି ସଂପର୍କରେ ଅବଗତ ହୋଇଥିଲେ । କୃଷି, ଶିଳ୍ପ ତଥା ଆନୁଷଙ୍ଗିକ କ୍ଷେତ୍ରରେ କୃଷକ ତଥା ଜନସାଧାରଣଙ୍କ ନିମନ୍ତେ ଜଳର ଆବଶ୍ୟକତା ପୂରଣ ଦିଗରେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି, ପ୍ରସ୍ତାବିତ ନୂତନ ଜଳନୀତି ଏ ଦିଗରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ପ୍ରକାଶ କରିଥିଲେ । ବୈଠକରେ ନୂତନ ରାଜ୍ୟ ଜଳ ନୀତିରେ ଜଳ ସଂପଦ ବିଭାଗରେ ଥିବା ବିଭିନ୍ନ ଉପ ବିଭାଗର କାର୍ଯ୍ୟନୀତିରେ ହେବାକୁ ଥିବା ପରିବର୍ତ୍ତନ ସଂପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା । ଜଳସମ୍ପଦ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ମଧ୍ୟମ ,ବୃହତ୍ ଓ କ୍ଷୁଦ୍ର ଜଳସେଚନ, ମେଗା ଲିଫ୍ଟ, ଉଠା ଜଳସେଚନଓ ଅନ୍ୟାନ୍ୟ ବ୍ୟବସ୍ଥାରେ ଜଳସେଚନ କରାଯାଉଥିବା ବେଳେ ରାଜ୍ୟ ଜଳନୀତିରେ ଆବଶ୍ୟକ ପରିବର୍ତ୍ତନ କରାଗଲେ ବ୍ୟବସ୍ଥାରେ ଅଧିକ ଉନ୍ନତିକରଣ ହେବ ବୋଲି ଏ ସଂପର୍କରେ ସଂପୃକ୍ତ ବିଭାଗୀୟ ମୁଖ୍ୟଯନ୍ତ୍ରୀମାନେ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ । ନୂତନ ଜଳନୀତିରେ ଭୂତଳ ଜଳ ସଂରକ୍ଷଣ, ସେଚାଂଚଳ ଉନ୍ନୟନ କାର୍ଯ୍ୟକ୍ରମ ଓ ୱାଲମୀ ଜରିଆରେ କାର୍ଯ୍ୟକ୍ରମ ସଂପର୍କିତ ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନ ସଂପର୍କରେ ମଧ ଆଲୋଚନା କରାଯାଇଥିଲା ।

ବୈଠକରେ ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଯୋଗଦେଇ,ନୂତନ ଜଳନୀତିରେ ଆବଶ୍ୟକକଣ କଣ ପରିବର୍ତ୍ତନ କରାଗଲେ ଜନସାଧାରଣ ଅଧିକରୁ ଅଧିକ ବ୍ୟବହାର ଉପଯୋଗୀ ଜଳ ପାଇପାରିବେ, ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ କେତେକ ସ୍ଥଳେ ବିଭାଗୀୟ ଅଧିକାରୀ ତଥା ମୁଖ୍ୟ ଯନ୍ତ୍ରୀମାନଙ୍କୁ ପ୍ରସ୍ତାବିତ ନୂତନ ଜଳନୀତିକୁ ପୁନଃ ଅବଲୋକନ କରିବାକୁ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଥିଲେ ।

ସଂପ୍ରତି ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଜଳପରିଚାଳନା, ଜଳର ଉପଯୁକ୍ତ ବ୍ୟବହାର,ଜଳ ଉପରେ ନିର୍ଭର କରୁଥିବା ସହଭାଗୀ ଅନୁଷ୍ଠାନଗୁଡିକର ଆବଶ୍ୟକତାକୁ ଦୃଷ୍ଟି ରାଜ୍ୟ ଜଳନୀତି-୨୦୦୭ ରେ ଆବଶ୍ୟକ ପରିବର୍ତ୍ତନ ଅଣାଯାଇ ନୂତନ ଜଳନୀତି ପ୍ରଣୟନ ପାଇଁ ଜଳସଂପଦ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି । ଏ ସଂପର୍କରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମତ୍ସ୍ୟ ଓ ପଶୁସଂପଦ ବିଭାଗ, ପଂଚାୟତିରାଜ ,ପାନୀୟ ଜଳ ଓ ଜଳବାୟୁ ପରିବର୍ତ୍ତନ, ଗୃହ ଓ ନଗର ଉନ୍ନୟନ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସହ ଅନ୍ୟ ସହଯୋଗୀ ସରକାରୀ ବିଭାଗ ଓ ବେସରକାରୀ ଅନୁଷ୍ଠାନଗୁଡିକ ସହିତ ଆଲୋଚନା ଜାରି ରହିଛି । ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକ, ସର୍ବୋଚ୍ଚ ଯନ୍ତ୍ରୀ ଇଂ.ଭକ୍ତ ରଞ୍ଜନ ମହାନ୍ତିଙ୍କ ସମେତ ବିଭାଗର ବିଭିନ୍ନ ଶାଖାର ମୁଖ୍ୟ ଯନ୍ତ୍ରୀ, ନିର୍ଦ୍ଦେଶକ ତଥା ଉଚ୍ଚ ପଦାଧିମାନେ ଯୋଗଦେଇ ମତ ରଖିଥିଲେ ।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଡାକ୍ତରମାନଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି ,୧୯/୦୯ (ନି.ପ୍ର): ମାଲକାନଗିରି ର ରୋଗୀମାନଙ୍କୁ ଉତମ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ପ୍ରତ୍ୟେକ ମାସରେ କଟକ ବଡ ମେଡ଼ିକାଲ ରୁ ହେଲିକ୍ୟାପ୍ଟର ଯୋଗେ ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତର ମାନେ ଆସି ମାଲକାନଗିରି ଜିଲ୍ଲା ହେଡକ୍ୱାଟର ହସ୍ପିଟାଲରେ ରୋଗୀମାନଙ୍କୁ ଉତମ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି ।ଏହି କ୍ରମରେ ଆଜି ଏସ .ସି. ବି କଟକ ବଡ ମେଡିକାଲ ର ଡାକ୍ତର ଜ୍ୟୋତିର୍ମୟ ନାୟକ, ଆସିଷ୍ଟାଂଟ ପ୍ରଫେସର, ଡାକ୍ତର ଶଙ୍କର୍ଷଣ ପଟେଲ , ଆସିଷ୍ଟାଂଟ ପ୍ରଫେସର, ଡାକ୍ତର ଚିନ୍ମୟା ନନ୍ଦ ଦାସ ,ଆସିଷ୍ଟାଂଟ ପ୍ରଫେସର ଓ ଡାକ୍ତର ରଞ୍ଜନ କୁମାର ମହାନ୍ତି, ଆସିଷ୍ଟାଂଟ ପ୍ରଫେସର ହେଲିକ୍ୟାପ୍ଟର ଯୋଗେ ଆସି ରୋଗୀମାନଙ୍କୁ ସେବା ଯୋଗାଇ ଥିଲେ । ଏହି ଅବସରରେ ଉତ୍କଳ ସମ୍ମିଳନୀ,ମାଲକାନଗିରି ତରଫରୁ ଜିଲ୍ଲା ଶାଖାର ସଭାପତି ଡ଼ଃ ରଞ୍ଜନ କୁମାର ସ୍ୱାଇଁ ସମସ୍ତ ଡାକ୍ତର ମାନଙ୍କୁ ବି.ଏସ.ଏଫ ହେଲିପ୍ୟାଡରେ ଉପସ୍ଥିତ ରହି ସ୍ୱାଗତ ଜଣାଇବା ସହ ଉତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର ,୧୯/୦୯ (ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଆଜି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପରିସରରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାଶ କହିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରତ୍ୟେକ ବ୍ଲକସ୍ତରରେ ଆଦର୍ଶ ବିଦ୍ୟାଳୟମାନ ସ୍ଥାପନା ସହିତ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି । ଏହି ବିଦ୍ୟାଳୟମାନଙ୍କରେ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୯୩୪୨୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଚଳିତ ବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ୧୨୪୭ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତୀର୍ଣ୍ଣ ହେବା ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ମାନକୁ ସୂଚାଉଛି ବୋଲି ମନ୍ତ୍ରୀ ଶ୍ରୀ ଦାଶ ପ୍ରକାଶ କରିଥିଲେ ।

# ଭଦ୍ରକ ଓ ରାୟଗଡ଼ା ଜିଲ୍ଲା ପରିକ୍ରମା କଲା 'ଅହିଂସା ରଥ'

ଭୁବନେଶ୍ୱର,୧୯/୦୯ (ନି.ପ୍ର): ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ତଥା ଜାତିର ଜନକ ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ରର ରାଜ୍ୟବ୍ୟାପୀ ପ୍ରସାରଣ ଉଦ୍ଦେଶ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଅହିଂସା ରଥ' ଆଜି ଭଦ୍ରକ ଓ ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ସୂଚନାଯୋଗ୍ୟ ଯେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦି କା ଅମୃତ ମହୋତ୍ସବ ଅବସରରେ ୧୫ ଅଗଷ୍ଟ ସ୍ୱାଧୀନତା ଦିବସରୁ ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ୪ ଗୋଟି 'ଅହିଂସା ରଥ' ସାରା ରାଜ୍ୟ ପରିକ୍ରମା କରି ଆମ ରାଜ୍ୟର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନାଦର୍ଶକୁ ଉଜ୍ଜୀବିତ କରୁଛି ।

ଆଜି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ସଦର ମହକୁମାଠାରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଭଦ୍ରକ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଏବଂ ଅନ୍ୟ ଜନପ୍ରତିନିଧିମାନେ ରଥକୁ ସ୍ୱାଗତ କରିଥିଲେ । ସେଠାରେ ଆୟୋଜିତ ଏକ ସଭାରେ ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରତିନିଧି ଚିତରଞ୍ଜନ ସୂତାର, ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ସ୍ଥାନୀୟ ସରପଂଚ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ୍ ଉପାଧ୍ୟକ୍ଷା ସରୋଜ ବଳ, ବିଡ଼ିଓ ଜ୍ୟୋତିପ୍ରକାଶ ଦାସ, ଏନ୍‌ଏସି ନିର୍ବାହୀ ଅଧିକାରୀ ଭାଗୀରଥି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ନେଇ ପାଲା ପରିବେଷଣ ସହ ଦେଶାତ୍ମବୋଧକ ସଂସ୍କୃତିକ ଓ ଢ଼ୋଲକ ବାଦ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଚାନ୍ଦବାଲି ବ୍ଲକର ଶିବଦୁର୍ଗା ସରକାରୀ ଉଚ୍ଚବିଦ୍ୟାଳୟ, ପାଂଚପଡ଼ା, ମହୁଲିଆ ଗ୍ରାମ ପଂଚାୟତ, ଚନ୍ଦନପୁର, ଭାଟପଡ଼ା, ମତୋ ବଜାର, ନାଲଗୁଣ୍ଡା, ଖେରଙ୍ଗ ଅଂଚଳ ପରିକ୍ରମା ପରେ ଏହି ରଥ ତିହିଡ଼ି ବ୍ଲକ୍ ଗସ୍ତ କରିଥିଲା । ତିହିଡ଼ି ବ୍ଲକ୍ ସୀମାନ୍ତ ଗଦି ବଜାରଠାରେ ପୂର୍ବତନ ବିଧାୟକ ରଜେନ୍ଦ୍ର ଦାସ, ବ୍ଲକ୍ ଅଧ୍ୟକ୍ଷ ଅବନ୍ତୀ ଦାସ ଓ ବିଡ଼ିଓ ବସନ୍ତ କୁମାର ସାହାଣୀଙ୍କ ସମେତ ପଂଚାୟତିରାଜ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ ରଥକୁ ସ୍ୱାଗତ କରିଥିଲେ । ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କର ଏକ ବିଶାଳ ଶୋଭାଯାତ୍ରା ମଧ୍ୟରେ ରଥର ବ୍ଲକ୍ ପରିକ୍ରମା ଆରମ୍ଭ ହୋଇଥିଲା । ସରକାରୀ ଆଶ୍ରମ ବିଦ୍ୟାଳୟ, କାନପୁର, ଗମ୍ଭାରିଆ ସ୍କୁଲ, ତିହିଡ଼ି ମହାବିଦ୍ୟାଳୟ ଆଦି ସ୍ଥାନରେ ଆୟୋଜିତ ସଭାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭିଡ଼ିଓ ସୋ ପ୍ରଦର୍ଶିତ ହୋଇଥିଲା । ସେହିପରି ଦହପାଣିଆସ୍ଥିତ ଏସ୍‌ସିଏସଟି ସେବାଶ୍ରମ ସ୍କୁଲଠାରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଦାସ, ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ଛାତ୍ରଛାତ୍ରୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ମିଶନ ଶକ୍ତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ । ଭଦ୍ରକ ବ୍ଲକ୍‌ର କ୍ଷେତ୍ରବାସୀ ହାଇସ୍କୁଲଠାରେ ଅନ୍ୟ ଗୋଟିଏ ରଥକୁ ସ୍ୱାଗତ କରାଯାଇଥିଲା । ରଥ ପରିକ୍ରମା ସମୟରେ ଭଦ୍ରକ ପୌର ଅଂଚଳରେ ଜିଲ୍ଲା ସ୍କୁଲ, ୱାନ୍ ଷ୍ଟପ୍ ସେଣ୍ଟର, ଓଜେନ୍ ସେଲ୍‌ଟର ହୋମ୍‌ଠାରେ ସଭା ଆୟୋଜିତ ହୋଇଥିଲା । ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପରେ ରଥଟି ଭଣ୍ଡାରୀପୋଖରୀ ବ୍ଲକ୍ ପରିକ୍ରମା କରିଥିଲା । କହଁରାପୋଖରୀସ୍ଥିତ କ୍ରାନ୍ତି ମଇଦାନଠାରେ ଏକ ସଭା ଆୟୋଜିତ ହୋଇଥିଲା । ଏଠାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଭିଡ଼ିଓ ସୋ ପ୍ରଦର୍ଶିତ ହୋଇଥିଲା ।

ଦ୍ୱିତୀୟ ଦିନରେ ଅହିଂସା ରଥ ଆଜି ରାୟଗଡ ଜିଲ୍ଲାର ବିଭିନ୍ନ ପଂଚାୟତ ସମିତି ପରିକ୍ରମା କରିଛି । ଜେକେପୁରରୁ ବାହାରି ଗୋଟିଏ ରଥ କୋଲନରା ବ୍ଲକର ଥେରୁବାଲି, ବିଷମ କଟକ ବ୍ଲକର କୁମ୍ଭର ଧମୁଣି, ଦୁର୍ଗୀ, ହୋଇ ବିଷମ କଟକ ବ୍ଲକରେ ପହଂଚିଥିଲା । ଅନ୍ୟଟି କୋଲନରା ବ୍ଲକର ମୁକୁନ୍ଦପୁର, ରୋବଡ଼ି, ରାମନଗୁଡା ବ୍ଲକର ରାମନଗୁଡା, ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଟ୍ଟନାୟକଙ୍କ ସାଧନ ପୀଠ କୁଜେନ୍ଦ୍ରୀ ହୋଇ ଗୁଣପୁରରେ ପହଂଚିଥିଲା । ଅହିଂସା ରଥ ସହ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପ୍ରକ୍ଷେପକ, ଗ୍ରନ୍ଥାଗାରିକ ଗସ୍ତ କରୁଥିବାବେଳେ କୋଲନରା ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୌର ଚନ୍ଦ୍ର ପଟ୍ଟନାୟକ, ରାମନଗୁଡା ବ୍ଲକରେ ଗୁଣପୁର ବିଧାୟକ ଶ୍ରୀଯୁକ୍ତ ରଘୁନାଥ ଗମାଙ୍ଗ, ତହସିଲଦାର ତଥା ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତୀ ଝର୍ଡ଼ିଆ, ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବେଣୁ ଧର ଶବର, ରାମନଗୁଡା ବ୍ଲକ ଅଧ୍ୟକ୍ଷ ଶ୍ରୀ ରବି ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଂଗଠନିକ ନିର୍ବାଚନ ସମ୍ବନ୍ଧୀୟ ପ୍ରସ୍ତାବ

ଭୁବନେଶ୍ୱର ,୧୯/୦୯ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଂଗଠନିକ ନିର୍ବାଚନ ଅଧିକାରୀ (ପିଆରଓ) ତଥା ସାଂସଦ ଶ୍ରୀ ନିରୋଜ ଡାଙ୍ଗିଙ୍କ ଅଧ୍ୟକ୍ଷତାରେ ନବନିର୍ବାଚିତ ପିସିସି ପ୍ରତିନିଧି ମାନଙ୍କର ଏକ ବୈଠକ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦିନ ୩ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜ୍ୟର ସମସ୍ତ ନବ ନିର୍ବାଚିତ ପିସିସି ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ । ଶ୍ରୀ ଡାଙ୍ଗି ସମସ୍ତ ପ୍ରତିନିଧି ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାପାଇଁ ଆହ୍ୱାନ ଦେଇଥିଲେ ।

ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଶ୍ରୀ ଜୟଦେବ ଜେନା ପିସିସି ସଭାପତି,ଉପସଭାପତି, କୋଷାଧ୍ୟକ୍ଷ ଓ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟନିର୍ବାହି ସଦସ୍ୟ, ଅଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ ପ୍ରଦେଶ କଂଗ୍ରେସ ନିର୍ବାଚନ କମିଟିର ସଦସ୍ୟ ମାନଙ୍କୁ ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷା ମନୋନୀତ କରିବାପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ । ଏହି ପ୍ରସ୍ତାବକୁ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ଶ୍ରୀ ପ୍ରସାଦ ହରିଚନ୍ଦନ, ସୁଶ୍ରୀ ସୁଶିଳା ତିରିଆ, ଡା. ରାମଚନ୍ଦ୍ର ଖୁଂଟିଆ, ମାନ୍ୟବର ବିଧାୟକ ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି ଏବଂ ସନ୍ତୋଷ ସିଂ ସାଲୁଜା ପ୍ରସ୍ତାବକୁ ସମର୍ଥନ କରିଥିଲେ । ସମସ୍ତ ନବନିର୍ବାଚିତ ପିସିସି ପ୍ରତିନିଧିମାନେ ହାତଟେକି ପୂର୍ଣ୍ଣ ସର୍ବସମ୍ମତ ସମର୍ଥନ ଜଣାଇଥିଲେ । ଏହି ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହୀତ ହେଲା ବୋଲି ଶ୍ରୀ ଡାଙ୍ଗି ଘୋଷଣା କରିଥିଲେ । ଏହି ସଭାରେ ସାଂଗଠନିକ ଅତିରିକ୍ତ ନିର୍ବାଚନ ଅଧିକାରୀ ଅମିତାଭ ଚକ୍ରବର୍ତ୍ତି, ସଂଦିପ ସିଂ, ଓଡ଼ିଶା ପ୍ରଭାରୀ ତଥା ସାଂସଦ ଡା. ଏ ଚେଲ୍ଲା କୁମାର, ଓଡ଼ିଶା ସହ ପ୍ରଭାରୀ ତଥା ଏଆଇସିସି ସଂପାଦକ ଶ୍ରୀ ଜି ରୁଦ୍ର ରାଜୁ ଉପସ୍ଥିତ ଥିଲେ । ଶ୍ରୀମତୀ ସସ୍ମିତା ବେହେରା ସସସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଇସ୍କୁଲ ଓ କଲେଜ ଛାତ୍ର ଛାତ୍ରୀଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା

ଜୟପୁର,୧୯/୦୯ (ନି.ପ୍ର): ଜୟପୁରର ଅଗ୍ରଣ ସ୍ୱେଚ୍ଛାସେବି ଅନୁଷ୍ଠାନ ସିଓ। ପକ୍ଷରୁ ଆଜି ସିଟି ବିଦ୍ୟାଳୟ ଠାରେ ହାଇସ୍କୁଲ ଏବଂ କଲେଜ ବିଦ୍ୟାର୍ଥୀଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ସିଓ। ଆନୁଷ୍ଠାନର ରଜତ ଜୟନ୍ତି ବର୍ଷ ପାଳନ ପୁବକ ଆଗାମୀ ଜାନୁଆରୀ ୪ ତାରିଖ ମଧ୍ୟରେ ଏପରି ଏନେକ ପ୍ରତିଯୋଗିତା ସହ ବୃକ୍ଷ ରୋପଣ, ରକ୍ତ ଦାନ ଆଦି କାଯ୍ୟକ୍ରମ ସମ୍ପର୍କରେ ସୁଚନା ଦେଇ ଥିଲେ । ଆଗାମୀ ଦିନରେ କୁଇଜ ପ୍ରତିଯୋଗିତା ମଧ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ପ୍ରତାପ ପଟ୍ଟନାୟକ ସୁଚନା ଦେଇଛନ୍ତି । ଯେଉଠି ପରିବାରର ୩ଟି ପିଢି ଅଂଶ ଗ୍ରହଣ କରିପାରିବେ । ଆଜିର ବକ୍ତୃତା ପ୍ରତିଯୋଗିତାରେ ୪୨ ଜଣ ପ୍ରତିଯୋଗି ଭାଗ ନେଇଥିଲେ ।

# ଏକ ଭାରତ ଶ୍ରେଷ୍ଠ ଭାରତ ଅଭିଯାନ : ଓଡ଼ିଶା ଆସୁଛନ୍ତି ମହାରାଷ୍ଟ୍ରର ୫୦ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୯/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ଜାରି ରହିଛି 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନ । ଏହି ଅଭିଯାନ ଅଧୀନରେ ବିଭିନ୍ନ ରାଜ୍ୟ ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏକ ଭାରତ ଶ୍ରେଷ୍ଠ ଭାରତ ଅଭିଯାନ ଜରିଆରେ ଯୋଡ଼ି ହୋଇଥିବା ମହାରାଷ୍ଟ୍ର ଏବଂ ଓଡ଼ିଶା ମଧ୍ୟରେ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କ୍ରମରେ ମହାରାଷ୍ଟ୍ର ନଭି ମୁମ୍ବାଇର ଖାରଘରସ୍ଥିତ ଜବାହର ଏଜୁକେସନ ସୋସାଇଟିର ଏ.ସି ପାଟିଲ କଲେଜ ଅଫ୍ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନର ୫୦ ଜଣ ଛାତ୍ରଛାତ୍ରୀ ଓ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏମାନଙ୍କ ମଧ୍ୟରେ ୨୫ ଜଣ ସ୍କୁଲ ଏବଂ ୨୫ ଜଣ ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ରହିଛନ୍ତି । ୧୯ରୁ ୨୩ ସେପ୍ଟେମ୍ବର, ୨୦୨୨ ପର୍ଯ୍ୟନ୍ତ ଏମାନେ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଛାତ୍ରଛାତ୍ରୀମାନେ କୋଣାର୍କ ଏକ୍ସପ୍ରେସରେ ୧୭ ତାରିଖରେ ମୁମ୍ବାଇରୁ ବାହାରି ୧୮ ତାରିଖରେ ଭୁବନେଶ୍ୱର ପହଞ୍ଚିବେ । ଏହାପରେ ସେମାନେ ଭୁବନେଶ୍ୱରସ୍ଥିତ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଜିଆଇଏଫଟି) ପରିଦର୍ଶନ କରିବେ । ଏଥିସହିତ ପୁରୀ, କୋଣାର୍କ ଏବଂ ଭୁବନେଶ୍ୱରର ବିଭିନ୍ନ ଦର୍ଶନୀୟ ସ୍ଥାନ ମଧ ବୁଲି ଦେଖିବେ । ମହାରାଷ୍ଟ୍ର ଏବଂ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ମତବିନିମୟ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ । ଉଭୟ ପରସ୍ପରର କଳା, ସଂସ୍କୃତି, ପରମ୍ପରା, ଖାଦ୍ୟ ପାନୀୟ, ଶିକ୍ଷା ପଦ୍ଧତି ଆଦି ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ । ଏକ ଭାରତ ଶ୍ରେଷ୍ଠ ଭାରତ ଅଭିଯାନ ଅଧୀନରେ ପୂର୍ବରୁ ମଧ ଓଡ଼ିଶା ଏବଂ ମହାରାଷ୍ଟ୍ର ମଧ୍ୟରେ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଛି ।

# ଅନୁସୂଚିତ ବର୍ଗଙ୍କ ବିକାଶ ପାଇଁ ଦୃଢ ପ୍ରତିବଦ୍ଧତା ଓ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି ମୋଦି ସରକାର : ସମୀର ମହାନ୍ତି



ଭୁବନେଶ୍ୱର,୧୯/୦୯ (ନି.ପ୍ର): କେନ୍ଦ୍ର ସରକାର ସେବା, ସୁଶାସନ ଏବଂ ଗରୀବକଲ୍ୟାଣ ଉଦ୍ଦେଶ୍ୟରେ ପ୍ରତିବଦ୍ଧତାର ସହ କାମ କରୁଛନ୍ତି । ଶାସନ କ୍ଷମତାକୁ ଆସିବାରେ ମୋଦି ସରକାର ବହୁ ଗରୀବକଲ୍ୟାଣ ଯୋଜନାକୁ ଆଜି କାର୍ଯ୍ୟକାରୀ କରିଛନ୍ତି । ମୋଦିଜୀଙ୍କ ନୀତି ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ସେବା ଓ ଗରିବ କଲ୍ୟାଣ ସର୍ବୋଚ୍ଚ ପ୍ରାଥମିକତା ଲାଭ କରିଛି । ବିଶ୍ୱର ସବୁଠୁ ଲୋକପ୍ରିୟ ଓ ଗରୀବ, ବଂଚିତ, ଦଳିତ, ଆଦିବାସୀ ଏବଂ କୃଷକମାନଙ୍କର ତ୍ରାଣକର୍ତ୍ତା ରୂପେ କାର୍ଯ୍ୟ କରୁଥିବା ନେତା ହେଉଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି । ଦେଶର ୨୦୦୦ରୁ ଅଧିକ ଅନୁସୂଚିତ ବହୁଳ ଗାଁମାନଙ୍କୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗାଁ ଭାବେ ବିକଶିତ କରିବାକୁ ମୋଦି ସରକାର ସଂକଳ୍ପବଦ୍ଧ । ଅନୁସୁଚିତ ବର୍ଗଙ୍କ ବିକାଶକୁ ଗୁରୁତ୍ୱ ଓ ସେଥି ପାଇଁ ଦୃଢ ପ୍ରତିବଦ୍ଧତା ଓ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି ମୋଦି ସରକାର । ମୋଦି ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାର ସୁପ୍ରଚାର କରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ଏହାର ବାର୍ତ୍ତା ପହଂଚାଇବାକୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଜଣାଇଛନ୍ତି । ଆଜି ଅନୁଗୁଳଠାରେ ଅନୁଷ୍ଠିତ ଅନୁସୁଚିତ ଜାତି ମୋର୍ଚ୍ଚା ରାଜ୍ୟ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ, ମୁଦ୍ରା ଯୋଜନାରେ ୩୪କୋଟି ଅନୁସିଚତ ବର୍ଗ ଲୋକେ ଉପକୃତ ହେବା ସହିତ ମୋଦି ସରକାର ୧୮.୬୦ଲକ୍ଷ କୋଟି ଟଙ୍କା ଋଣ ଯୋଗାଇଛନ୍ତି । ୩.୧୦କୋଟି ଅନୁସୁଚିତ ବର୍ଗ ମହିଳା ଉଜ୍ଜ୍ୱଳା ଯୋଜନା ଅନ୍ତର୍ଗତ ମାଗଣାରେ ରୋଷେଇ ଗ୍ୟାସ ପାଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧.୩୧କୋଟି ଅନସୁଚିତ ବର୍ଗ ପରିବାରକୁ ପକ୍କା ଘର ଯୋଗାଇ ଦିଆଯାଇଛି । ଅନସୁଚିତ ବର୍ଗ ଛାତ୍ରଛାତ୍ରୀଙ୍କ ସ୍କଲାରସିପକୁ ୨ଗୁଣା ବୃଦ୍ଧି କରାଯାଇଛି ଏବଂ ଏଥି ପାଇଁ ୭.୭ହଜାର କୋଟି ଟଙ୍କା ମୋଦି ସରକାର ଅର୍ଥ ବ୍ୟୟ କରିଛନ୍ତି । ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଅନୁସୁଚିତ ବର୍ଗହିତାଧିକାରୀଙ୍କୁ ୫୫୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ଦକ୍ଷତା ବୃଦ୍ଧି ପାଇଁ ୨.୭ଲକ୍ଷ କୋଟି ଅନୁସୁଚିତ ବର୍ଗ ଯୁବକଙ୍କୁ ମାଗଣା ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି । ଅନ୍ୟ ପଟେ ଅନୁସୁଚିତ ବର୍ଗଙ୍କ ବିକାଶ ଓ କଲ୍ୟାଣ ପାଇଁ ଆସୁଥିବା କେନ୍ଦ୍ରୀୟ ଅନୁଦାନ ଅର୍ଥକୁ ଓଡ଼ିଶା ସରକାର ବିଭିନ୍ନ ଉପାୟରେ ବାଟମାରଣା କରି ଅନ୍ୟାୟ କରୁଛନ୍ତି । ସାମାଜିକ, ଆର୍ଥିକ, ନ୍ୟାୟିକ ନ୍ୟାୟ ପାଇବାରୁ ତାଙ୍କୁ ବଂଚିତ ରଖାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବର୍ଷକୁ ଅନୁନ୍ୟ ତିନି ଥର ଅନୁଷ୍ଠିତ ହେବାକୁ ଥିବା ଆଡଭାଇଜରୀ କମିଟି ବୈଠକ ଥରଟିଏ ମଧ ଅନୁଷ୍ଠିତ ହେଉନାହିଁ । ରାଜ୍ୟରେ ଅନସୁଚିତ ବର୍ଗ ଲୋକଙ୍କ ପ୍ରତି ଆକ୍ରମଣ ବଢି ଚାଲିଥିବାବେଳେ ତାଙ୍କୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ ।

# ଫୁଲବାଣୀ ନଗର ମଣ୍ଡଳ ବିଜେପିର କାର୍ଯ୍ୟକାରିଣୀ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ

କନ୍ଧମାଳ ,୧୯/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମଣ୍ଡଳ ବିଜେପିର ସଭାପତି, ସୁଶାନ୍ତ କୁମାର ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଭାରୀ ମହାମେଘ ବାହାନ ଐର ଖାରବେଳ ସ୍ୱାଇଁ, କନ୍ଧମାଳ ଜିଲ୍ଲା ସଭାପତି ଜଗନ୍ନାଥ ସାହୁ, ଫୁଲବାଣୀ ପୌରାଧ୍ୟକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି, ଜିଲ୍ଲା ସମ୍ପାଦକ ଲିଙ୍ଗରାଜ ଦଳବେହେରା, ଦେବନାରାୟଣ ପ୍ରଧାନ , ପୂର୍ବତନ ଜିଲ୍ଲା ସମ୍ପାଦକ ଭଗବାନ ମହାନ୍ତି, କାଉନ ସିଲର ରମେଶ ମହାନ୍ତି, କାଉନ ସିଲର ବସନ୍ତ ସାହାଣୀ, ବିଜେପି ନଗର ଯୁବମୋର୍ଚ୍ଚା ସଭାପତି ସମୀର ଘଟାଲ ଙ୍କ ସମେତ ଜିଲାର ବହୁ ବିଜେପି ନେତା କର୍ମିଙ୍କ ଉପସ୍ଥିତ ରେ ନଗର ମଣ୍ଡଳ ବିଜେପିର ଏକ କାର୍ଯ୍ୟକାରିଣୀ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଆଜିର ଫୁଲବାଣୀ ବିଜେପି ନଗର ମଣ୍ଡଳ ର କାର୍ଯ୍ୟ କାରିଣୀ ବୈଠକ ସହିତ ନଗର ସଭାପତି ସୁଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଓ ପୌରାଧ୍ୟକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତିଙ୍କ, କାର୍ଯ୍ୟ ଦକ୍ଷତା ଉପରେ ଆସ୍ଥା କରି ଫୁଲବାଣୀ ସହର ର ଶତାଧିକ ଯୁବକ ଯୁବତୀ ସମେତ କିଛି ଜଣାଶୁଣା ଆଗଧାଡିର ସଂଗଠନ ର କର୍ମକର୍ତା ମାନେ ଆଜି ସ୍ୱତଃପ୍ରବୃତ ଭାବେ ଜିଲ୍ଲା ପ୍ରଭାରୀ ମହାମେଘ ବାହାନ ଐର ଖାରବେଳ ସ୍ୱାଇଁ ଓ ଜିଲ୍ଲା ସଭାପତି ଜଗନ୍ନାଥ ସାହୁଙ୍କ ଉପସ୍ଥିତି ରେ ବିଜେପି ରେ ସାମିଲ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରେ ବିଜେପି ପ୍ରଥମ ଥର ପାଇଁ ପୌର ପରିଷଦ ଆସନ ଦଖଲ କରିବା ପରେ, ବିଜେପି ନେତା ଓ କର୍ମୀଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଦେଖାଦେଇଛି ।

# ବାଲେଶ୍ୱରରେ ବୁଲିବ ଭୋଟର ସଚେତନତା ରଥ



ବାଲେଶ୍ୱର,୧୯/୦୯ (ନି.ପ୍ର): ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ନାଗରିକଙ୍କୁ ଅନୁରୋଧ କରିଛନ୍ତି। ଏଥିପାଇଁ ସମସ୍ତ ନାଗରିକ ପ୍ରଥମେ ଏହି ସଂଯୋଗୀକରଣର ଆବଶ୍ୟକତା ବିଷୟରେ ସଚେତନ ହେବା ଜରୁରୀ। ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଆଜି ବାଲେଶ୍ୱର ଜିଲ୍ଲା ସଦର ମହକୁମାସ୍ଥିତ ସର୍କିଟ ହାଉସଠାରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ସୁଶୀଲ କୁମାର ଲୋହାନି ଏବଂ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପତାକା ହଲାଇ ଏକ ଭୋଟର ସଚେତନତା ରଥ ପରିଭ୍ରମଣର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ କରିବା ନିତାନ୍ତ ଜରୁରୀ। ଦେଖାଯାଇଛି ଅନେକ ଭୋଟରଙ୍କର ଏକାଧିକ ସ୍ଥାନରେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ଥିବାରୁ କିଛି ଭୋଟରଙ୍କର ନାମ ତାଲିକାରୁ ସଂପୂର୍ଣ୍ଣ ବାଦ ପଡିଯାଉଛି ଯଦ୍ୱାରା ସେମାନେ ଭୋଟଦାନ ଅଧିକାରରୁ ବଞ୍ଚିତ ହେଉଛନ୍ତି ଏବଂ ଏକ ସଂପୂର୍ଣ୍ଣ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିରେ ବାଧା ଉପୁଜୁଛି। ଏହି ସମସ୍ୟାର ସମାଧାନ କରି ଏକ ସଂପୂର୍ଣ୍ଣ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ନିମନ୍ତେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ କରିବା ଜରୁରୀ ହୋଇପଡ଼ିଛି।ଏଥିପାଇଁ ଭୋଟର ସଚେତନତା ରଥ ପ୍ରତ୍ୟେକ ଜନସମାଗମ ସ୍ଥାନ ଯଥା ହାଟ,ବଜାର,ମେଳା ଆଦି ସ୍ଥାନରେ ରହି ଭୋଟର ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। ଭୋଟର ମାନେ ଭୋଟର ହେଲ୍ପଲାଇନ ଆପ ଡାଉନ୍ ଲୋଡ୍ କରି ତା ମାଧ୍ୟମରେ କିମ୍ବା ବି ଏଲ ଓ ଙ୍କ ଜରିଆରେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ କରିପାରିବେ। ଏହି କାର୍ଯ୍ୟକ୍ରମ ସାରା ରାଜ୍ୟରେ ତିନି ମାସ ଧରି ଚାଲିବାକୁ ଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଦୁଇଟି ରଥ ମାଧ୍ୟମରେ ବାରଟି ବ୍ଲକ ର ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ସଚେତନତା ସୃଷ୍ଟି କରାଯିବ।

# ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ ଭ୍ୟାନ ଜଣେ ମୃତ ୩ ଗୁରୁତର : ଗାଡି ଉଭାନ



ବସ୍ତା,୧୯/୦୯ (ନି.ପ୍ର): ବସ୍ତା ଥାନା ୬୦ନଂ ଜାତୀୟ ରାଜପଥ ଗାନ୍ଧୀଛକ ବସ୍ତା ମୁଖ୍ୟ ରାସ୍ତାରେ ! ବାଲିଆପାଳ ଥାନା ଡଗରା ଅଞ୍ଚଳର ଉପେନ୍ଦ୍ର ଜେନା ସ୍ତ୍ରୀ ଓ ଦୁଇ ପୁଅ ସହ ବାଇକ ଯୋଗେ ଅମର୍ଦ୍ଦା ଅଭିମୁଖେ ଯାଉଥିବା ବେଳେ ରାଜପଥ ଉପରେ ଜଳେଶ୍ୱର ରୁ ଗାନ୍ଧିଛକ ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ପିକଅପ ଭେନ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଉପେନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ତିନିଜଣ ମଧ୍ୟରୁ ଜଣେ ମହିଳା ଓ ଦୁଇଛୋଟ ପିଲା ପଡିରହି ଥିବା ଦେଖି ସ୍ଥାନିୟ ଲୋକେ ତାଙ୍କୁ ଉଦ୍ଧାରକରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସି ପାଇଁ ପଠାଇଛନ୍ତି । ତେବେ ମୃତ ଉପେନ୍ଦ୍ରର ସ୍ତ୍ରୀ ର ପରିସ୍ଥିତି ଗୁରୁତର ହେବାସହିତ ଗୋଟିଏ ପିଲାର ଗୋଡ ଭାଙ୍ଗି ଯାଇଥିବାବେଳେ ସାନପିଲାଟିର ଅବସ୍ଥା ସ୍ୱାଭାବିକ ଥିଲା ହେଲେ ଏହି ତିନିଜଣଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ବସ୍ତା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି ।

# ବିଶ୍ୱ ହିନ୍ଦୁ ପରିଷଦ ବଲାଙ୍ଗୀରର ଭଗବତୀ ମନ୍ଦିରରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ

ବଲାଙ୍ଗୀର,୧୯/୦୯ (ନି.ପ୍ର): ଗତକାଲି ତା: ୧୮-୦୯-୨୦୨୨ ରିଖ ରବିବାର ଦିନ ବିଶ୍ୱହିନ୍ଦୁ ପରିଷଦର ଅଖିଳ ଭାରତୀୟ ସତସଙ୍ଗ ପ୍ରମୁଖ ଶ୍ରୀ ବସନ୍ତ ରଥ ସତସଙ୍ଗ ଦର୍ଶନ କାର୍ଯ୍ୟକ୍ରମ ପାଇଁ ବଲାଙ୍ଗୀର ଆସିଥିଲେ। ବଲାଙ୍ଗୀର ବିଶ୍ୱହିନ୍ଦୁ ପରିଷଦ ତରଫରୁ ସନ୍ଧ୍ୟା ୭ ଘଂଟା ସମୟରେ ବଲାଙ୍ଗିର ନଗର ସ୍ଥିତ ଭଗବତୀ ମନ୍ଦିର ରେ ଏକ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ଓଡିଶା ପଶ୍ଚିମ ପ୍ରାନ୍ତର ସଂଗଠନ ମନ୍ତ୍ରୀ ଶ୍ରୀ ସତ୍ୟ ନାରାୟଣ ଥନାପତି, ପ୍ରାନ୍ତ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଶ୍ରୀ ସୁଦର୍ଶନ ଦାସ, ପ୍ରାନ୍ତ ସହ ପ୍ରଚାର ପ୍ରସାର ପ୍ରମୁଖ ଶ୍ରୀ ପବିତ୍ର କୁମାର ଦାଶ, ପ୍ରାନ୍ତ ମାତୃଶକ୍ତି ପ୍ରମୁଖ ଶ୍ରୀମତୀ ସରସ୍ୱତୀ ନନ୍ଦ, ଜିଲ୍ଲା ସଭାପତି ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ ଆଘାତରେ ଶ୍ରମିକ ମୃତ

ଧର୍ମଶାଳା,୧୯/୦୯ (ନି.ପ୍ର): : ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଂଚଳରେ ଅଘଟଣ । ବିଦ୍ୟୁତ ବିଭାଗରେ ଯୁବ ଶ୍ରମିକଙ୍କ ମୃତ । ଯୁବକ ଜଣକ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ସଂଖାରିଡିହ ଟିକର ସାହି ଗ୍ରାମର ରଞ୍ଜନ ସାମଲ ବୋଲି ଜଣାପଡିଛି । ପୋଲିସ ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଚଳେଇଛି । ସୂଚନା ମୁତାବକ, ଆଜି ଅପରାହ୍ନରେ ରଞ୍ଜନ ଗାଧୋଇ ସାରି ଘାରେ ବିଦ୍ୟୁତ ତାର ସଜାଡୁ ଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲା । ଫଳରେ ସେ ଗୁରୁତର ହେବାରୁ ପରିବାର ଲୋକେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ଶବ ଜବତ କରି ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

# ବାଲେଶ୍ୱର ମାର୍ଚ୍ଚେଣ୍ଟାଇଲ୍ କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ତରଫରୁ ସ୍ୱର୍ଗତ ଗୋପନାରାୟଣ ଦାସଙ୍କର ସ୍ମୃତିସଭା ଅନୁଷ୍ଠିତ



ବାଲେଶ୍ୱର,୧୯/୦୯ (ନି.ପ୍ର): ଅଦ୍ୟ ସ୍ୱର୍ଗତ ଗୋପନାରାୟଣ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପ୍ରଚେଷ୍ଟାରେ ଗଢ଼ିଉଠିଥିବା ବାଲେଶ୍ୱର ମାର୍ଚ୍ଚେଣ୍ଟାଇଲ୍ କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟିର ଏକ ସଭା ସମିତିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ନିରାକାର ରାୟଙ୍କ ସଭାପତିତ୍ୱରେ ଉକ୍ତ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ସମିତିର ସଦସ୍ୟ କମଳାକାନ୍ତ ନାୟକ ସ୍ୱର୍ଗତ ଗୋପନାରାୟଣ ଦାସଙ୍କ ଗୁଣଗାନ କରିଥିଲେ। ତତ୍‌ପରେ ଅନନ୍ତ କୁମାର ଦାସ ପ୍ରଧାନ, ଅଜିତ୍ କୁମାର ଦାସ, ରାଜକିଶୋର ମନ୍ତ୍ରୀ, ଲାବଣ୍ୟବତୀ ବାରିକ ଆଦି ସଦସ୍ୟ / ସଦସ୍ୟାଗଣ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ସଂପାଦକ ପ୍ରଫୁଲ୍ଲ କୁମାର ରାଉତ, ସମିତିର କର୍ମଚରୀ ଜଗବନ୍ଧୁ ପାଗଳ, ଗୌରମୋହନ ଷଡ଼ଙ୍ଗୀ ସଦସ୍ୟମାନଙ୍କୁ ସମିତିର କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଅନୁରୋଧ କରିଥିଲେ। ସମିତିର ସଭ୍ୟ/ସଭ୍ୟା ଜଗନ୍ନାଥ ବିଶ୍ୱାଳ, ସଞ୍ଜୟ କୁମାର ଦଳେଇ, ହରେନ୍ଦ୍ର ମଲିକ, ରମାନାଥ ଦାସ, ଅନନ୍ତ କୁମାର ଦାସ ଓ ସୁତାପା ଦାସ ଉକ୍ତ ସ୍ମୃତିସଭାରେ ଅଂଶଗ୍ରହଣ କରିଥିଲେ। ସର୍ବଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବ୍ଲକ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଜମୁଛି ପାଣି : ଯାତାୟାତରେ ବାଧକ



ଜଳେଶ୍ୱର ୧୯/୯(ନି.ପ୍ର): ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୃଷ୍ଟି ହୋଇଛି ଏକ ବିରାଟ ଗାଢ । ବର୍ଷାପାଣି ଜମି ରହୁଥିବାରୁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି । ୩୫ଟି ପଂଚାୟତର ବିଭିନ୍ନ ଅଂଚଳରୁ ପ୍ରତିଦିନ ଶହ ଶହ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ଲକ କାର୍ଯ୍ୟାଳୟକୁ ବିଡିଓ, ତହସିଲଦାର, ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଅନ୍ୟ ପଦାଧିକାରୀ ଯାତାୟାତ କରୁଥିଲେ ମଧ୍ୟ ଏ ସମ୍ପର୍କରେ କାହାରି ନିଘା ନ ଥିବା ପରି ମନେ ହୁଏ । ଦୀର୍ଘଦିନ ଧରି ଏଭଳି ଅସୁବିଧା ଦେଖା ଦେଇ ଆସୁଥିବା ବେଳେ ମରାମତି ହେଉନଥିବାରୁ 'ଗାଁ ପରିମଳ ଧୋବା ତୁଠରୁ' ପରି ଜଣା ଯାଉଛି ।

# ସରକାରୀ ଗାଡିର ଅପବ୍ୟବହାର କଲେ ତହସିଲଦାର : ଜିଲ୍ଲାପାଳ କହିଲେ ତଦନ୍ତ ହେବ

ଖଇରା,୧୯/୦୯ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ସିମୁଳିଆ ତହସିଲରେ ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସରକାରୀ ଗାଡି ର ଅପବ୍ୟବହାର କରି ପରିବାର ସହିତ ମନ୍ଦିର ଭ୍ରମଣ ର ମଜା ନେଇ ଥିବାର ଅଭିଯୋଗ ହୋଇଛି । ସରକାରୀ କାର୍ଯ୍ୟର ଦ୍ୱାହି ଦେଇ ପିଲାଛୁଆଙ୍କ ସହ ଖଇରା ବ୍ଲକର ପ୍ରସିଦ୍ଧ ବକ୍ରେଶ୍ୱର ପୀଠରେ ପୂଜାର୍ଚ୍ଚନା କରିବା ଘଟଣା କୁ ନେଇ ସୋମବାର ସ୍ଥାନୀୟ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି । ତୁରନ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ,ରାଜସ୍ୱ ସଚୀବ ଓ ଜିଲାପାଳଙ୍କ ହସ୍ତକ୍ଷେପ ଦାବୀ କରାଯାଇଛି । ଓଡିଶା ସରକାର ଶାସନରେ ସ୍ୱଚ୍ଛତା ଆଣିବାକୁ ୫ଟି ଲାଗୁ କରିଛନ୍ତି । ରାଜସ୍ୱ ବିଭାଗ ଏହି ୫ଟି ମୋ ସରକାର ଅଧୀନରେ ଆସୁଥିବା ବେଳେ ପ୍ରତ୍ୟେକ କାର୍ଯ୍ୟାଳୟ ସମ୍ମୁଖରେ ଏଥିଲାଗି ବଡ ବଡ ଫଳକ ଲେଖା ଯାଇଛି । ହେଲେ ଏଭଳି ପରିସ୍ଥିତିରେ ଜଣେ ତହସିଲଦାର ସରକାରୀ ଗାଡିରେ ସରକାରୀ ଧନ ଅପବ୍ୟୟ କରି ପରିବାରକୁ ସାଥିରେ ଆଣି ମନ୍ଦିର ବୁଲାଇବା ଏଭଳି ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବାର କୁହାଯାଉଛି । ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀ ଏ ସମ୍ପର୍କରେ ସଫେଇ ଦେଇ ବକ୍ରେଶ୍ୱର ମନ୍ଦିର ନିକଟରେ ଥିବା ପୋଲର କାର୍ଯ୍ୟ ତଦାରଖ କରିବାକୁ ଯାଇଥିବା ବେଳେ ପାଖରେ ମନ୍ଦିର ଥିବାରୁ ବକ୍ରେଶ୍ୱରଙ୍କ ଦର୍ଶନ କରିଥିବାର କହିଛନ୍ତି । ଏଭଳି ଅଭିଯୋଗ ତଥା ଭାଇରାଲ ଭିଡିଓ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ମାନେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ଦୃଷ୍ଟି ଆକର୍ଷଣ କରିବା ପରେ ଏହାର ତଦନ୍ତ କରାଯିବା ବୋଲି କହିଛନ୍ତି ।ବକ୍ରେଶ୍ୱର ମନ୍ଦିରର ପୂଜକ ଭୋଳାନାଥ ମିଶ୍ରଙ୍କୁ ପଚାରିବା ପରେ ତହସିଲଦାରଙ୍କ ମାନସିକ ପୂଜା ପାଇଁ ପରିବାର ସହ ଆସିଥିଲେ। ଖୁବଧୁମଧାମରେ ପୂଜା ଶେଷ ହୋଇଥିବାର କହିଛନ୍ତି । ଜଣେ ଅଧିକାରୀଙ୍କ କାର୍ଯ୍ୟ ତଦାରଖରେ ପରିବାର ଲୋକଙ୍କୁ ସାଥିରେ ଆଣିବାର ଆବଶ୍ୟକତା କଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଶ୍ୱ ଦେଖିଲା ପ୍ରକୃତିର ତାଣ୍ଡବ

ଜାପାନରେ ୫ ନମ୍ବର ଆଲର୍ଟ ଜାରି କରାଯାଇଛି । ଦଶନ୍ଧିର ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରୁଛି ଜାପାନ । ଗୋଟିଏ ପଟେ ପ୍ରକୃତିର ତାଣ୍ଡବ ଜାରି ରହିଛି । ଅନ୍ୟପଟେ ଆରମ୍ଭ ହୋଇଛି ଉଦ୍ଧାର କାର୍ଯ୍ୟ । ରାସ୍ତାରୁ ବଡ଼ ବଡ଼ ଗଛ ହଟାଇବା ପାଇଁ ଉଦ୍ୟମ କରାଯାଉଛି । ବିଦ୍ୟୁତ ସରବରାହକୁ ପୁନରୁଦ୍ଧାର କରିବା ପାଇଁ ଜୋରଦାର ପ୍ରୟାସ କରାଯାଉଛି । ସବୁ କାର୍ଯ୍ୟ ବାତିଲ କରି ଟାଇଫୁନ ମୁକାବିଲା ପାଇଁ ଜାରୁରୀକାଳୀନ ବୈଠକ କରିଛନ୍ତି ଜାପାନ ପ୍ରଧାନମନ୍ତ୍ରୀ । ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପାଣିପାଗ ବିଭାଗର ଆଗୁଆ ଚେତାବନୀ ଏବଂ ସରକାରଙ୍କ ସତର୍କତାମୂଳକ ପଦକ୍ଷେପ ଯୋଗୁଁ ମୃତାହତଙ୍କ ସଂଖ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବା କୁହାଯାଇଛି । ୨୦୧୯ରେ ସାମୁଦ୍ରିକ ଝଡ଼ 'ହାଜିବିସ୍' ଯୋଗୁ ୧୦୦ ଲୋକଙ୍କ ଜୀବନ ଯାଇଥିଲା । ୨୦୧୮ରେ ବନ୍ୟା ଓ ଭୂସ୍ଖଳନ ଯୋଗୁ ୨ ଶହରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।

### ବିଜେପି ବିଧାୟକ ତଥା ଘାସଫୁଲର ସମ୍ପାଦକ...

ସେଠାରେ ମଧ୍ୟ ଦଳୀୟ କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ । ସେଠାରୁ ବିଷ୍ଣୁ ସେଠୀଙ୍କ ପାର୍ଥିବ ଶରୀରକୁ ତାଙ୍କ ଜନ୍ମସ୍ଥାନ ଭଦ୍ରକର ତିହିଡିକୁ ନିଆଯାଇଥିଲା। ରାସ୍ତାରେ ବିଭିନ୍ନ ସ୍ଥାନରେ ତାଙ୍କ ଶେଷ ସମ୍ମାନ ଜଣାଇଥିଲେ ବହୁ ମାନ୍ୟଗନ୍ୟ ବ୍ୟକ୍ତି। ସନ୍ଧ୍ୟାରେ ତିହିଡିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି। ସେ ୨ ଥର ବିଧାୟକ ଭାବେ ସେ ନିର୍ବାଚିତ ହୋଇଥିଲେ। ୨୦୦୦ ମସିହାରେ ଚାନ୍ଦବାଲିରୁ ସେ ପ୍ରଥମେ ନିର୍ବାଚିତ ହୋଇଥିଲେ । ଏହା ପରେ ୨୦୧୯ରେ ସେ ଧାମନଗର ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ବିଧାୟକ ବିଷ୍ଣୁ ସେଠୀ ବିରୋଧୀ ଦଳ ଉପନେତା ଭାବେ ବି ଦାୟିତ୍ୱ ନିର୍ବାହ କରିଥିଲେ। ସେ ସରକାରୀ ଦଳର ତୀବ୍ର ସମାଲୋଚକ ଭାବେ ପରିଚିତ ଥିଲେ। କେବଳ ଜଣେ ରାଜନେତା ନ ଥିଲେ, ବରଂ ସେ ଜଣେ ସାହିତ୍ୟିକ ମଧ୍ୟ ଥିଲେ । ସେ ଘାସଫୁଲ ସାହିତ୍ୟ ପତ୍ରିକାର ସଂପାଦକ ବି ଥିଲେ। ସେ କାଜୁ ନିଗମର ଅଧ୍ୟକ୍ଷ ମଧ୍ୟ ପୂର୍ବରୁ ରହି ସାରିଥିଲେ । ୧୯୬୧ ମସିହା ଜୁନ୍ ୫ରେ ସେ, ଭଦ୍ରକ ଜିଲ୍ଲା ତିହିଡିରେ ଜନ୍ମଗ୍ରହଣ କରିଥିଲେ। ପିଲାଟି ଦିନରୁ ମା'ଙ୍କୁ ହରାଇଥିବା ବିଷ୍ଣୁଙ୍କୁ ବାପା ଗୟାଧର ସେଠୀ ମଣିଷ କରିଥିଲେ। ଭଦ୍ରକ ଜିଲ୍ଲା ତିହିଡି ହାଇସ୍କୁଲରୁ ମାଟ୍ରିକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗ୍ରାଜୁଏସନ କରିଥିଲେ। ପରେ ଦିଲ୍ଲୀ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ ବିଷ୍ଣୁ। ଓଏଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସୁଦ୍ଧା ଜନସେବାକୁ ନିଜ ଜୀବନର ବ୍ରତ କରିଥିଲେ ବିଷ୍ଣୁ ସେଠୀ ।

### ପୁଣି କଂଗ୍ରେସ ମଙ୍ଗ ଧରିବେ...

ରାହୁଲ ସଭାପତି ହୁଅନ୍ତୁ କି ନାହିଁ ସେ ସର୍ବଦା ଦଳର ମୁଖ୍ୟ ପଦବୀରେ ରହିବେ ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମ । ରାଜସ୍ଥାନ, ଛତିଶଗଡ଼ ପରେ ଅନ୍ୟ ରାଜ୍ୟରୁ ରାହୁଲ ଗାନ୍ଧୀଙ୍କୁ ସଭାପତି କରିବାକୁ ସଙ୍କଳ୍ପ ପାରିତ କରୁଥିବାରୁ ରାହୁଲ ଏବିଷୟରେ ପୁଣି ଥରେ ଚିନ୍ତା କରନ୍ତୁ ବୋଲି କହିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ସିଂ ବାଘେଲ । ତେବେ ଏ ବିଷୟରେ ରାହୁଲଙ୍କୁ ସିଧାସଳଖ ପଚରିବାକୁ ପରାମର୍ଶ ଦେଇଛନ୍ତି କଂଗ୍ରେସ ନେତା ସନ୍ଦୀପ ଦିଖୀତ୍ । କଂଗ୍ରେସ ଶାସିତ ରାଜ୍ୟ ଛତିଶଗଡ଼, ରାଜସ୍ଥାନ ସହ ଗୁଜରାଟ ରାହୁଲଙ୍କୁ ଦଳର ମୁଖିଆ କରିବାକୁ ସଙ୍କଳ୍ପ ପାରିତ କରିଥିବା ବେଳେ ଏଥିରେ ଅନ୍ୟ ରାଜ୍ୟମାନେ ମଧ୍ୟ ସାମିଲ ହୋଇପାରନ୍ତି । କିନ୍ତୁ ୨୦୧୯ ନିର୍ବାଚନ ପରାଜୟ ପରେ ସଭାପତି ପଦ ଛାଡିଥିବା ରାହୁଲ ଏହାକୁ ଗହଣ କରିବେ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି ।

### ଗୌରହରି ଦାସ ପାଇବେ...

ଗଳ୍ପ ସହିତ ଅନେକ ଉପନ୍ୟାସ, ନାଟକ ଓ ଭ୍ରମଣ କାହାଣୀ ସେ ଲେଖିଛନ୍ତି। ସେହିପରି ତାଙ୍କ ଦ୍ୱାରା ଅନୁବାଦିତ ପୁସ୍ତକ 'ଗୋଟିଏ ଜୀବନ ଯଥେଷ୍ଟ ନୁହେଁ', 'ଛେଳି ଚରାଇବାର ଦିନ' ଓ 'ସେହିସବୁ ପିଲାଦିନ' ପାଠକୀୟ ଆଦୃତି ଲାଭ କରିଛି। କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ପ୍ରତିବର୍ଷ ଇଣ୍ଡା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଛି 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'। ୨୦୨୨ ମସିହା ପାଇଁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରକର ଶ୍ରୀ ପ୍ରଫୁଲ୍ଲ ମହାନ୍ତି ଓ ପ୍ରସିଦ୍ଧ ଓଡ଼ିଶୀ ସଙ୍ଗୀତସାଧକ ଗୁରୁ ଶ୍ରୀ ଘନଶ୍ୟାମ ପଣ୍ଡାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦକୁ ଉଭୟଙ୍କୁ ଦେଢ଼ ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ବିଶିଷ୍ଟ ଶିଳ୍ପପତି ବୈଜ୍ଞାନିକ ଡ. ବଂଶୀଧର ପଣ୍ଡା ଓ ତାଙ୍କର ସହ ଧର୍ମିଣୀ କଳାବିଦୁଷୀ ଇଲା ପଣ୍ଡାଙ୍କର କଳାତ୍ମକ ଚେତନାର ଫଳଶ୍ରୁତି ହେଉଛି 'ଶାରଳା ପୁରସ୍କାର ଉତ୍ସବ'। ୧୯୮୦ ମସିହାରୁ ପ୍ରଦାନ କରାଯାଇ ଆସୁଥିବା 'ଶାରଳା ପୁରସ୍କାର' ୪୩ ବର୍ଷ ଧରି ଏହାର ଅଭିଯାତ୍ରା ଜାରି ରଖିଛି।

### ନିଜ ଦଳ ସହ ବିଜେପିରେ...

ସେ କଂଗ୍ରେସରୁ ଅଲଗା ହେବା ପରେ ନିଜସ୍ୱ ଦଳ ଗଠନ କରି ପଞ୍ଜାବ ବିଧାନସଭା ନିର୍ବାଚନ ଲଢ଼ିଥିଲେ। ହେଲେ ସେ କିମ୍ବା ତାଙ୍କ ଦଳର ଜଣେ ହେଲେ ବି ପ୍ରାର୍ଥୀ ନିର୍ବାଚନ ଜିତିବାକୁ ସକ୍ଷମ ହୋଇ ନଥିଲେ। ବିଜେପି ସହ ମେଣ୍ଟ କରି ନିର୍ବାଚନ ଲଢ଼ିଥିବା ଶ୍ରୀ ସିଂହ ସଂପୂର୍ଣ୍ଣ ଭାବେ ପଦ୍ମ ଦଳ ସହ ଲୀନ ହେବେ ବୋଲି ଚର୍ଚ୍ଚା ହୋଇଥିଲା। ନୂଆ ଦଳ ଗଠନ କରିବା ପୂର୍ବରୁ କ୍ୟାପଟ୍ଟେନ ଅମରିନ୍ଦର ସିଂହ ଦୀର୍ଘ ୫ ଦଶନ୍ଧି ଧରି କଂଗ୍ରେସ ସହ ରହିଥିଲେ। ୨୦୧୭ରେ କଂଗ୍ରେସ ପଞ୍ଜାବରେ କ୍ଷମତା ଦଖଲ କରିବା ପରେ ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ହେଲେ ୨୦୨୨ ବିଧାନସଭା ନିର୍ବାଚନର ଠିକ୍? କିଛି ମାସ ପୂର୍ବରୁ କଂଗ୍ରେସ ନେତା ନବଜୋତ ସିଂହ ସିଦ୍ଧୁ ତାଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ। ଶେଷରେ ତାଙ୍କୁ ପଞ୍ଜାବର ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଥିଲା।

# ପୁରୁଣା ପେନ୍‌ସନ୍ ଦାବିରେ ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ ପ୍ରସ୍ତୁତି

ଭଦ୍ରକ,୧୯/୦୯ (ନି.ପ୍ର): ନୂତନ ପେନ୍‌ସନ ଯୋଜନା ଅନ୍ତର୍ଭୁକ୍ତ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅରବିନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ୨୦୦୫ ପରେ ନିଯୁକ୍ତ ସବୁବର୍ଗର ସରକାରୀ କର୍ମଚାରୀମାନଙ୍କ ପାଇଁ ପ୍ରଚଳିତ ନୂତନ ପେନ୍‌ସନ ଯୋଜନା ଦ୍ୱାରା ସରକାରୀ କର୍ମଚାରୀଙ୍କ ଅବସରକାଳୀନ ଜୀବନ ଅନ୍ଧକାରମୟ ହୋଇଛି। ଜଣେ ବିଧାୟକ ବା ସାଂସଦ ୫ ବର୍ଷ ପାଇଁ କାର୍ଯ୍ୟ କରି ଲକ୍ଷଲକ୍ଷ ଟଙ୍କା ପେନ୍‌ସନ୍ ପାଉଥିଲା ବେଳେ ଜଣେ ସରକାରୀ କର୍ମଚାରୀ ୩୩ ବର୍ଷ ସେବା କରିବା ପରେ ମାସିକ ହଜାରେ ବା ବାରଶହ ଟଙ୍କା ପେନ୍‌ସନ ପ୍ରଦାନ କରାଯାଇ କର୍ମଚାରୀମାନଙ୍କୁ ଶୋଷଣ କରାଯାଉଛି। ଏହି ଯୋଜନା ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଠାରୁ ହୀନ ବୋଲି ବୈଠକରେ ଶିକ୍ଷକମାନେ ମତ ପୋଷଣ କରିଥିଲେ। ଭାରତ ବର୍ଷର ବିଭିନ୍ନ ରାଷ୍ଟ୍ର ମଧ୍ୟରେ ରାଜସ୍ଥାନ, ପଞ୍ଜାବ, ଦିଲ୍ଲୀ, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ସରକାର ପୁରୁଣା ପେନ୍‌ସନ୍ ଯୋଜନାରେ ପେନ୍‌ସନ୍ ପ୍ରଦାନ କରୁଥିବା ବେଳେ ଓଡ଼ିଶା ସରକାର ନୂତନ ପେନ୍‌ସନ ଯୋଜନା ଲାଗୁ କରି କର୍ମଚାରୀଙ୍କ ପେଟକୁ ଲାତ ମାରୁଛନ୍ତି। ଏହାକୁ ବିରୋଧ କରିବା ପାଇଁ ରାଜ୍ୟର ସବୁ ବର୍ଗର ସରକାରୀ କର୍ମଚାରୀ ଏକ ହୋଇ ଆସନ୍ତା ନଭେମ୍ବର ମାସରେ ଏକ ଜୋର୍‌ଦାର୍ ଆନ୍ଦୋନ କରିବକୁ ସ୍ଥିର କରିଛନ୍ତି। ଏହି ଆନ୍ଦୋଳନକୁ ଭଦ୍ରକ ଜିଲ୍ଲାର ହାଇସ୍କୁଲ ଶିକ୍ଷକ ସଂଘ ଦୃଢ ସମର୍ଥ ଜଣାଇଛି ବୋଲି ସଂଘର ସଭାପତି ଜିତେନ୍ଦ୍ର ନାୟକ ପ୍ରକାଶ କରିଥିଲେ। ୨୦୦୫ ପରେ ନିଯୁକ୍ତି ପାଇଥିବା ସମସ୍ତ ହାଇସ୍କୁଲର ଶିକ୍ଷକ ଆନ୍ଦୋଳନରେ ସାମିଲ ହେବେ ବୋଲି ଶ୍ରୀଯୁକ୍ତ ନାୟକ ଦୃଢୋକ୍ତି ପ୍ରକାଶ କରିଥିଲେ। ସରକାର ତୁରନ୍ତ ନୂତନ ପେନ୍‌ସନ ନୀତିକୁ ପ୍ରତ୍ୟାହାର କରି ପୁରୁଣା ପେନସନ୍ ଯୋଜନାରେ ସରାକରୀ କର୍ମଚାରୀଙ୍କୁ ପେନ୍‌ସନ ଦେବାକୁ ଉଭୟ ସଂଘ ଦାବି କରିଛି। ସରକାର ଦାବି ପୂରଣ ନ କଲେ ନଭେମ୍ବରରେ ଆନ୍ଦୋଳନ ନିଶ୍ଚିତ ହେବ ବୋଲି ସଂଘର କର୍ମକର୍ତ୍ତା ମାନେ ଦୃଢ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରଣୟ ମହାପାତ୍ର, କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ରାଉତ, ରାଜ୍ୟ ସଂଗଠନ ସମ୍ପାଦକ ତବରେଜ ଖାଁ, ମହାସଚିବ ଜ୍ୟୋତିର୍ମୟ ଅଗସ୍ତି, ସହସମ୍ପାଦକ ଜାବେଦ୍ ଅଖ୍ତର, ବ୍ଲକ ସଭାପତି ଓ ସମ୍ପାଦକଙ୍କ ମଧ୍ୟରେ ନିଳାଦ୍ରୀ ତ୍ରିପାଠୀ, ଚନ୍ଦ୍ରକାନ୍ତ ଶୁକ୍ଳ, ସୁକାନ୍ତ ନାୟକ, ପ୍ରଶାନ୍ତ ବାରିକ, ଗୟାଧର ଦାସ, ଦୈତ୍ୟାରୀ ବେହେରା, ବିମଳ ଦାସ, ଶରତ ଆଚ୍ଚୋଇ, ନରେନ୍ଦ୍ର ସାହୁ, ଅନିରୁଦ୍ଧ ମଙ୍ଗଳ, ପ୍ରମୋଦ କର, ସନାତନ ଦାସ, ପ୍ରକାଶ ନାୟକ, ଭରତ କର ପ୍ରମୁଖ ଉପସ୍ଥିତ ହୋଇ ପେନ୍‌ସନ୍ ସରକାରୀ କର୍ମଚାରୀଙ୍କ ହକ୍, ଏଥି ଲାଗି ଆବଶ୍ୟକ ପଡ଼ିଲେ ରାଜ୍ୟ ସମସ୍ତ ସରକାରୀ କର୍ମଚାରୀ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ବୈଠକରେ ଅନ୍ୟାନ୍ୟ ଆଲୋଚନା ମଧ୍ୟରେ ପ୍ରାଥମିକ ଶିକ୍ଷକ ମାନଙ୍କୁ ପଦୋନ୍ନତି ପ୍ରଦାନ, ୧୦ ବର୍ଷିଆ ଏମ୍.ଏ.ସି.ପି. ପ୍ରଦାନ, ନୂତନ ସିଆର୍‌ସିସି ନିଯୁକ୍ତି ଆଦି ବିଭିନ୍ନ ସମସ୍ୟାର ଆଲୋଚନା କରା ଯାଇଥିଲା।

# ଅଖିଳ ଭାରତୀୟ ଟେରାପନ୍ଥ ଯୁବ ପରିଷଦ ପକ୍ଷରୁ ରକ୍ତଦାନ ଶିବିର



ବାରିପଦା,୧୯/୦୯ (ନି.ପ୍ର): ଅଖିଳ ଭାରତୀୟ ଟେରାପନ୍ଥ ଯୁବ ପରିଷଦ ପକ୍ଷରୁ ବାରିପଦା ରୋଟାରୀ କ୍ଲବ ସଭାଗୃହ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରେର ମୋଟ ୧୦୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ, ଅତିଥି ଭାବେର ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ବ୍ୟବସାୟୀ ସଂଘର ସଭାପତି ଅମିତାଭ ସାହୁ, ଉପେଦଷ୍ଟା ପଦ୍ମନାଭ ପୃଷ୍ଟି ପ୍ରମୁଖ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ପିଆରଏମ ମେଡିକାଲ କଲେଜ ପାଥଲୋଜି ବିଭାଗ ଏବଂ ପାରା ମେଡିକାଲ କମର୍ଚାରୀମାନଙ୍କ ଦ୍ୱାରା ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦିତ ହୋଇଟିବା ବେଳେ, ଅନୁପ ଜୈନ, ଜୟନ୍ତ ଦୁଗଡ ଏବଂ ତାଙ୍କ ପରିବାର ବର୍ଗ ସମସ୍ତ କାର୍ଯ୍ୟରେ ଏବଂ ଶିବିର ପରିଚାଳନାର ସହଯୋଗ କରିଥିଲେ ।

# ଦିବଂଗତ ବିଧାୟକଙ୍କୁ ଭଦ୍ରକ ବାସୀଓ ଧାମନଗରବାସୀଙ୍କ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୧୯/୦୯ (ନି.ପ୍ର): ପରଲୋକ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କୁ ଧାମନଗରବାସୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଦୀର୍ଘଦିନ ଧରି ମଧୁମେହ ଓ ବୃକକ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱର ଏମସରେ ଚିକିତ୍ସାଧିନ ଥିବା ବିଷ୍ଣଙ୍କର ଆଜି ସକାଳ ୭ଟା ୪୫ରେ ହୃଦଘାତ ଯୋଗୁଁ ପରଲୋକ ହୋଇଥିଲା। ଏହାପରେ ତାଙ୍କ ମର ଶରୀରକୁ ଧାମନଗର ଅଣାଯାଇଥିଲା। ଭଦ୍ରକ ଜିଲ୍ଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଧାମନଗର ଛକରେ ମର ଶରୀର ପହଞ୍ଚିବା ପରେ ସେଠାରେ ବିଭିନ୍ନ ନେତା, କର୍ମୀମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପୂର୍ବତନ ବିଧାୟକ ତଥା ବିଷ୍ଣୁଙ୍କ ପ୍ରତିଦ୍ୱନ୍ଦ୍ୱୀ ରାଜେନ୍ଦ୍ର କୁମାର ଦାସ ପହଞ୍ଚି ବିଷ୍ଣୁଙ୍କ ମରଶରୀରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ବିଷ୍ଣୁଙ୍କ ମର ଶରୀରକୁ ବିରାଟ ଶୋଭାଯାତ୍ରାରେ ଅଣାଯାଇଥିଲା। ମହୁରା, ଶିବବିନ୍ଧା, ପଳିକିରି ଛକରେ ସ୍ଥାନୀୟ ଲୋକେ ପ୍ରିୟ ବିଧାୟକଙ୍କୁ ଶେଷ ଦର୍ଶନ କରିଥିଲେ। ଏହାପରେ ଭଗବାନପୁର ଛକରେ ପୂର୍ବତନ ସରପଞ୍ଚ ଓ ବିଜେପି ନେତା ଏବଂ କର୍ମୀ ଶବବାହକ ଗାଡ଼ିକୁ ଅଟକାଇ ପିରୟ ବିଧାୟକଙ୍କୁ ଫୁଲମାଳ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ଧାମନଗର କୋର୍ଟ ନିକଟରେ ଓକିଲ ସଂଘ, ଖାନକା ଏ ସରିଫ ନିକଟରେ ମୁସଲିମ ଭାଇମାନେ ବିଷ୍ଣୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାପରେ ବ୍ଲକ ଛକରେ ଶବ ଶୋଭାଯାତ୍ରା କିଛି ସମୟ ପାଇଁ ରଖାଯାଇଥିଲା। ଏଠାରେ ଧାମନଗର ବ୍ଲକ ଓ ଏନଏସିର ଅଧିକାରୀ ଏବଂ କର୍ମଚାରୀ ପହଞ୍ଚି ବିଷ୍ଣୁଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାପରେ ଧାମନଗର ବଡ଼ ବଜାର ଛକ, ମେଡିକାଲ ଛକ, ଦକ୍ଷିଣବାଡ଼ ଛକ, ମୁସ୍ତଫାପୁର କାଳୀବଜାର, ଦୋବଲ ବସଷ୍ଟାଣ୍ଡ ଓ ଖଡ଼ିପଦାରେ ଶହ ଶହ ସଂଖ୍ୟାର ଲୋକ ବିଷ୍ଣୁଙ୍କୁ ଶେଷ ଦର୍ଶନ କରିଛନ୍ତି। ଏହାପରେ ମର ଶରୀରକୁ ସୋହଡ଼ାର ବେଦପୁର, ଖଙ୍ଗରା, ସୋହଡ଼ା, ପଧାନି, ଜାହାଙ୍ଗିର ହୋଇ ନଦୀଗାଁ ଓ ଧୁଷୁରୀ ଦେଇ ନିଆଯାଇଛି। ତିହିଡ଼ିର ମଙ୍ଗରାଜପୁର ଗାଁରେ ବିଷ୍ଣୁଙ୍କର ଶେଷକୃତ୍ୟ ସଂପନ୍ନ ହେବ। ବିଷ୍ଣୁଙ୍କ ଦେହାନ୍ତରେ ସାରା ଧାମନଗରବାସୀ ଓ ଭଦ୍ରକ ଶୋକଗ୍ରସ୍ତ ହୋଇଛନ୍ତି। ଏସହ ସହ ବିଷ୍ଣୁଙ୍କୁ ସମ୍ମାନ ଜଣାଇ ଧାମନଗର ନିର୍ବାଚନମଣ୍ଡଳୀ ଅଞ୍ଚଳରେ ସମସ୍ତ ଶିକ୍ଷାନୁଷ୍ଠାନ ଓ ଦୋକାନବଜାର ବନ୍ଦ ରହିଥିଲା। ଭଦ୍ରକ ଅଭିମୁଖେ ଶୋଭାଯାତ୍ରାରେ ।

# ବଙ୍ଗୋପସାଗରରେ ଲଘୁଚାପ : ୧୦ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୯/୦୯ (ନି.ପ୍ର): ଉତ୍ତର-ପଶ୍ଚିମ ପାର୍ଶ୍ୱବର୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ସୋମବାର ଦିନ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଏବେ ସଂପୃକ୍ତ ଅଂଚଳରେ ସକ୍ରିୟ ରହିବା ସହ ଲଘୁଚାପ କ୍ଷେତ୍ର ଏବଂ ଏହା ସହ ଜଡିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୫.୮ କିମି ଯାଏଁ ବ୍ୟାପିଛି। ଏହା ଆଗାମୀ ୨୪ ଘଂଟା ମଧ୍ୟରେ ଆହୁରି ଅଧିକ ଘନୀଭୂତ ହେବା ସହ ଉତ୍ତର-ପଶ୍ଚିମ ଦିଗରେ ଗତିକରି ଓଡିଶା-ଉପକୂଳ ଆଡକୁ ମୁହାଁଇବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଗାମୀ ୩ ଦିନ ଅର୍ଥାତ୍ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ଼, ଜଗତସିଂହପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଏବଂ କୋରାପୁଟ ପ୍ରଭୃତି ୧୦ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି)ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୧୦ଟି ଜିଲ୍ଲାକୁ ଅରେଞ୍ଜୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଏହି ସମୟ ମଧ୍ୟରେ ରାଜ୍ୟର ଗଜପତି, ମାଲକାନାଗିରି, ରାୟଗଡ଼ା, ଖୋର୍ଦ୍ଧା, କେନ୍ଦ୍ରପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଢ଼େଙ୍କାନାଳ, ଅନୁଗୁଳ, ସମ୍ବଲପୁର, ସୋନପୁର, ବଲାଙ୍ଗୀର ଏବଂ ବରଗଡ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି)ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସବୁ ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

# ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା ପକ୍ଷରୁ ବୃକ୍ଷ ରୋପଣ



ଭୁବନେଶ୍ୱର,୧୯/୦୯ (ନି.ପ୍ର): ରାଜଧାନୀ ଦିନକୁ ଦିନ ବୃକ୍ଷଶୂନ୍ୟ ହେବାକୁ ଲାଗିଛି। ରାଜଧାନୀ ଭୁବନେଶ୍ୱର ଭାରତର ଦ୍ୱିତୀୟ ଉତ୍ତପ୍ତ ସହର ରୂପେ ପରିଗଣିତ ହେଉଥିବା ବେଳେ ରାଜଧାନୀକୁ ଉତ୍ତପ୍ତ ସହରରୁ ମୁକ୍ତ କରିବା ଓ ସୁସ୍ଥ ପରିବେଶ ପାଇଁ ଅଣ୍ଟା ଭିଡ଼ିଛି ସାମାଜିକ ଅନୁଷ୍ଠାନ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା। ଝାରପଡ଼ାସ୍ଥିତ ଜଗନ୍ନାଥ ନଗରର ସହାୟ ଆଭିନ୍ୟୁରେ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ଭୁବନେଶ୍ୱର ଶାଖା ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥାର ରାଷ୍ଟ୍ରୀୟ ସମ୍ପାଦକ ଡ. ବିପିନ ମିଶ୍ର ଓ ରାଜ୍ୟ ସମ୍ପାଦକ ଲାୟନ ଇଂ ବିପିନ ବିହାରୀ ନାୟକ, ରାଜ୍ୟ ଯୁଗ୍ମ ସମ୍ପାଦକ ବାଳକୃଷ୍ଣ ରାଉତ, ଭୁବନେଶ୍ୱର ସଭାପତି ଦ୍ୱାରିକାନାଥ ଶତପଥୀ, ଯୁଗ୍ମ ସମ୍ପାଦକ ବିଶ୍ୱଜିତ କାନୁନଗୋ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ସହାୟ ଆଭିନ୍ୟୁ ସୋସାଇଟି ପକ୍ଷରୁ ମଧୁସ୍ମିତା ଆଚାର୍ଯ୍ୟ, ସନ୍ଦୀପ ସାହୁ, ବିଭୂତି ଭୂଷଣ ଆଚାର୍ଯ୍ୟ, ବିଭା ଗୈବେ, ନମିତା ନନ୍ଦ ଓ ଅନ୍ୟମାନେ ଯୋଗ ଦେଇଥିଲେ। ମିଳିତ ଜାତିସଂଘର ରିପୋର୍ଟ ଅନୁସାରେ ୨୦୨୨ ମସିହା ଶେଷ ସୁଦ୍ଧା ବିଶ୍ୱର ଅନେକ ସହର, ଭାରତବର୍ଷର ବମ୍ବେ, କୋଚି ଓ ଓଡ଼ିଶାର ପାରାଦ୍ୱୀପ ଆଦି ୫ ଫୁଟ୍ ପାଣି ଭିତରେ ରହିବ ବୋଲି ପରିବେଶ ବିଜ୍ଞାନୀମାନେ ମତ ଦେଇଛନ୍ତି। ତେଣୁ ସାମୁଦ୍ରିକ ଝଡ଼ ଓ ପରିବେଶ ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ଗଛ ହିଁ ଏକ ଅମୋଘ ଅସ୍ତ୍ର ଯାହା ପୃଥିବୀ ତଥା ଜୀବଜଗତକୁ ବଞ୍ଚାଇ ରଖିପାରିବ। ତେଣୁ ବୃକ୍ଷ ରୋପଣ ଓ ବୃକ୍ଷ ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ନିତାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।

# ଭାଟପଡା ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ ମାସ ପାଳନ

ଖଇରା,୧୯/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ ଭାଟପଡା ଗ୍ରାମରେ ଥିବା ଅଙ୍ଗନୱାଡି କର୍ମୀ ସୁକାନ୍ତି ଦାସଙ୍କ ଦ୍ୱାରା ପୋଷଣ ମାସ ପାଳନ କରାଯାଇଛି। ଅଙ୍ଗନୱାଡି କେନ୍ଦ୍ରରେ ଥିବା ଗର୍ଭବତୀ ଓ ପ୍ରସୂତୀ ମହିଳା, କିଶୋରୀ ବାଳିକା,ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନେଇ ସକାଳେ ପୋଷଣ ଅଭିଯାନ ରାଲି ଗାଁ ପରିଭ୍ରମଣ କରିଥିଲେ ଓ ୧୦୦୦ଦିନର ଗୁରୁତ୍ୱ ବିଷୟରେ ଆଲୋଚନା କରି ଉପସ୍ଥିତ ଜନସାଧାରଣଙ୍କୁ ପୁଙ୍ଖାନୁପୁଙ୍ଖ ନାରଙ୍ଗୀ,ଧଳା ଓ ସବୁଜ ରଙ୍ଗର ଖାଦ୍ୟ ଆମ ଶରୀର ପାଇଁ କେତେ ଉପକାରୀ ବୁଝାଇଥିଲେ। ଉତ୍ତମ ଖାଦ୍ୟ ଆମ ଜୀବନ ଧାରଣ ପାଇଁ ନିହାତି ଆବଶ୍ୟକ। ଖାଦ୍ୟରୁ ମିଳୁଥିବା ଉପାଦାନଗୁଡିକୁ ଆମେ କହିଥାଉ ପୁଷ୍ଟି ବା ପୋଷଣ। ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସକୁ ପୋଷଣ ମାସ ଭାବରେ ପାଳନ କରାଯାଏ। ଭାଟପଡା ଅଙ୍ଗନୱାଡି କର୍ମୀ ସୁକାନ୍ତି ଦାସଙ୍କ ଦ୍ୱାରା ଟିକି ମାଉସୀ କହେ ପୋଷଣ ଅଭିଯାନ। ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ। ପୋଷଣ ମାସରେ ସମସ୍ତ ପ୍ରକାରର ଖାଦ୍ୟ ଖାଇ ରୋଗ ମୁକ୍ତ ହୋଇ ନିଜେ ସୁସ୍ଥ ରହିବା ସହିତ ସୁସ୍ଥ ସମାଜ ଗଢିବାରେ ସହାୟ ହୁଅନ୍ତୁ। ଏହି ଅବସରରେ ୱାର୍ଡମେମ୍ବର ରଙ୍ଗଲତା ଶିଅଳ,ଆଶା ବବିତାରାଣୀ ଶିଅଳ, ଝାନି ମାରାଣ୍ଡି, ମିନତୀ ଗାହାଣ, ପୂଜାରାଣୀ ବେହେରା, ସହାୟିକା ବାସନ୍ତି ଶିଅଳ, ଜୟନ୍ତୀ ସାହୁ, ପାର୍ବତୀ ଶିଅଳ ସମେତ ଏସ୍‌ଏଚ୍‌ଜି ମହିଳା, କିଶୋରୀ ବାଳିକା ପ୍ରମୁଖ ଉପସ୍ଥିତ ଥିଲେ।

# ମୟୂରଭଂଜ ହେରିଟେଜ ୱାକ୍ : ଐତିହାସିକ ବାରୁଣେଶ୍ୱର ଶୈବ ପୀଠ ପରିଦର୍ଶନ ସହ ଇତିହାସ ଉପରେ ଆଲୋଚନା




ବାରିପଦା,୧୯/୦୯ (ନି.ପ୍ର): ମୟୂରଭଂଜ ଜିଲ୍ଲାର ପର୍ଯ୍ୟଟନ, ଇତିହାସ, ଐତିହ୍ୟ, କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ମୟୂରଭଂଜ ଲଭର୍ସ ଓ ମୟୂରଭଂଜ ମିରର ସଙ୍ଗଠନ ଦ୍ୱାରା ଯୁବ ପିଢିଙ୍କ ନିକଟରେ ଇତିହାସ ଓ ଐତିହ୍ୟର ପ୍ରଚାର ପ୍ରସାର ନିମନ୍ତେ ଆୟୋଜିତ ହୋଇଆସୁଥିବା ମୟୂରଭଂଜ ହେରିଟେଜ ୱାକ୍‌ର ନବମ ସଂସ୍କରଣ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହେରିଟେଜ ୱାକ୍‌ର ଅଭିଯାତ୍ରୀ ଦଳ ବାରିପଦା ଠାରେ ଥିବା ଐତିହାସିକ ବାରୁଣେଶ୍ୱର ଶୈବ ପୀଠ ଠାରେ ପହଂଚିଥିଲେ। ମୟୂରଭଂଜ ଲଭସର୍ର ସଦସ୍ୟ କୁମାରେଶ ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ସମ୍ୟକ ଧାରଣା ପ୍ରଦାନ କରିବା ପରେ ସଦସ୍ୟ ଋଷିରାଜ ପଟ୍ଟନାୟକ ମନ୍ଦିରର ଇତିହାସ ଓ ବିଶେଷତ୍ୱ ସମ୍ପର୍କରେ ସବିଶେଷ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆୟୋଜିତ ଅଲୋଚନା ଚକ୍ରରେ ଯୁବପିଢିଙ୍କୁ ମୟୂରଭଂଜ ମାଟିର ଇତିହାସ ଓ ଐତିହ୍ୟ ପ୍ରତି କିଭଳି ଆକୃଷ୍ଟ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜିକା ଭାବରେ ସ୍ୱାତି ସାହା ଓ ତ୍ରିଷା ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ସଦସ୍ୟ ଜୟ ପ୍ରକାଶ ସିଂହ, ସୁଶ୍ରୀ ନାୟକ, କିଶୋର କୁମାର ମହାନ୍ତି, ଶ୍ରୁତି ସ୍ୱପ୍ନା, ସୌମ୍ୟରଂଜନ ମିଶ୍ର, ଜିତ ପଟ୍ଟନାୟକ, ଆଭାସ ଦେ, ଶୁଭସ୍ମିତା ସାହୁ, ଶତାବ୍ଦୀ ତରେଇ, ହରପ୍ରିୟା ନାୟକ, ଭବାନୀ ପାତ୍ର, ଶୁଭ୍ର ସୌଭାଗ୍ୟବତୀ ସି, ଶ୍ରାବଣୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା-ଶିଶୁ ଡେସ୍କ ଆଭିମୁଖ୍ୟ କାର୍ଯ୍ୟକାରିତା ସମ୍ପର୍କିତ କର୍ମଶାଳା



ବାଲେଶ୍ୱର,୧୯।୯(ନି.ପ୍ର): ଥାନାରେ ମହିଳା ଓ ଶିଶୁ ହେଲପ ଡେସ୍କ ଆଭିମୁଖ୍ୟ କାର୍ଯ୍ୟକାରିତାରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱବୋଧତା ସମ୍ପର୍କିତ ଦୁଇ ଦିନିଆ କର୍ମଶାଳା ବାମପଦା ସ୍ଥିତ ନୋସି ବିଜିନେସ ପାର୍କଠାରେ ସୋମବାର ଉଦଘାଟିତ ହୋଇଯାଇଛି। ଆନ୍ତର୍ଜାତିକ ସଂସ୍ଥା ୟୁନିସେଫର ବୈଷୟିକ ସହାୟତାରେ 'ଓଡ଼ିଶା ପୁଲିସ କ୍ରାଇମ ଏଗେନଷ୍ଟ ୱିମେନ ଏଣ୍ଡ ଚାଇଲ୍ଡ ୱିଙ୍ଗ' ପକ୍ଷରୁ ଉତ୍ତର ଓଡିଶାର ମହିଳା ଓ ଶିଶୁ ଡେସ୍କ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଏହି କର୍ମଶାଳା ଆରମ୍ଭ ହୋଇଛି। ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶିକା ଲେଖା ଲୋହାନି ଏଥିରେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିବା ସହ ପୀଡ଼ିତ ମହିଳା ଓ ଶିଶୁଙ୍କୁ ଆଇନଗତ ସହାୟତା ପ୍ରଦାନ ସମୟରେ ପୁଲିସ ଅଧିକାରୀ ତଥା କର୍ମଚାରୀଙ୍କ ଆଚରଣ ଓ ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ସହାୟତା ପାଇଁ ଡେସ୍କକୁ ଆସୁଥିବା ପୀଡ଼ିତଙ୍କୁ ଆବଶ୍ୟକ ସୁରକ୍ଷା ପ୍ରଦାନ ସହ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ପାଇଁ ଶ୍ରୀମତୀ ଲୋହାନି ପରାମର୍ଶ ଦେଇଥିଲେ। ଓଡ଼ିଶା ପୁଲିସର କ୍ରାଇମ ଏଗେନଷ୍ଟ ୱିମେନ ଏଣ୍ଡ ଚାଇଲ୍ଡ ୱିଙ୍ଗ ପକ୍ଷରୁ ଭୁବନେଶ୍ୱରରୁ ଏହିଭଳି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତର ଓଡିଶାର ୫ଟି ଜିଲାର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ସେ ସୂଚନା ଦେଇଥିଲେ। ପ୍ରଥମ ଦିନ ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଏବଂ ଦ୍ୱିତୀୟ ଦିନରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ମହିଳା ଓ ଶିଶୁ ଡେସ୍କ ଅଧିକାରୀ ତଥା କର୍ମଚାରୀମାନେ ଏହି କର୍ମଶାଳରେ ଯୋଗଦେବେ ବୋଲି ସେ କହିଥିଲେ।୨୦୦୫ ମସିହାରୁ ଓଡିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ମହିଳା ଓ ଶିଶୁ ହେଲପ ଡେସ୍କ। ପ୍ରଥମ ପର୍ଯ୍ୟାୟରେ ୪୦ଟି ଥାନାରେ ଏହା କାର୍ଯ୍ୟକ୍ଷମ ହୋଇଥିବା ବେଳେ ସମ୍ପ୍ରତି ସମଗ୍ର ରାଜ୍ୟର ୬୦୮ଟି ଥାନାରେ ସୁଚାରୁରୂପେ ପରିଚାଳିତ ହେଉଛି ବୋଲି ଶ୍ରୀମତୀ ଲୋହାନି କହିଥିଲେ। ପୂର୍ବାଞ୍ଚଳ ଜୋନ ପୁଲିସ ମହାନିରୀକ୍ଷକ ହିମାଂଶୁ ଲାଲ ଏଥିରେ ଯୋଗଦେଇ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଏଥିରେ ଅଂଶଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ମାର୍ଗଦର୍ଶନ କରାଇଥିଲେ। ଏଥିରେ ମାଷ୍ଟର ଟ୍ରେନର ଚାଇଲ୍ଡ ଲାଇନ୍‌ର କେ ରମେଶ, ରାଜୁ କୁଟାଇ ଓ ଆର୍କା ଲାହା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡିଆଇବି ଡିଏସପି ବ୍ରଜେଶ୍ୱରୀ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶାନ୍ତିକାନନରେ କର୍କଟବ୍ୟାଧି ସଂପର୍କିତ ଆଲୋଚନାଚକ୍ର



ବାଲେଶ୍ୱର,୧୯/୦୯ (ନି.ପ୍ର): ସମ୍ ଅଲ୍ଟିମେଟ୍ ମେଡିକେୟାର, ଫକୀରମୋହନ କଲେଜ ପୁରାତନ ଛାତ୍ରସଂସଦ ଓ ଫକୀରମୋହନ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ଶାନ୍ତିକାନନଠାରେ ଏକ ସ୍ୱାସ୍ଥ୍ୟସଂପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ପ୍ରଭାତ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟବକ୍ତା ଭାବରେ ସମ୍ ଅଲ୍ଟିମେଟ୍ ମେଡିକେୟାର, ଭୁବନେଶ୍ୱରର ରେଡିଏସନ୍ ଅଙ୍କୋଲୋଜି ବିଭାଗର ବରିଷ୍ଠ ବିଶେଷଜ୍ଞ ଡାକ୍ତର ଚିର ରଂଜନ ଖାଡ଼ାଙ୍ଗା ଯୋଗ ଦେଇ କର୍କଟ ରୋଗ, ବିଶେଷ କରି ସ୍ତନକର୍କଟ ରୋଗ ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରିବା ସଙ୍ଗେସଙ୍ଗେ ଏହାର ପ୍ରତିକାର ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଲେ ଯେ ଆମେ ଜାଣିଲେ ଜିଣିବା। ଶରୀରରେ କିଛି ବି ଅସ୍ୱାଭାବିକତା ଦେଖାଦେଲେ ସଙ୍ଗେସଙ୍ଗେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ସ୍ତନକର୍କଟ ପ୍ରାରମ୍ଭିକ ସ୍ତରରେ ଜଣାପଡ଼ିଲେ ଚିକିତ୍ସାଦ୍ୱାରା ଏହା ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରିବ। କର୍କଟରୋଗ ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି ହେବାର ଆବଶ୍ୟକତା ରହିଛି। ଉପସ୍ଥିତ ଜିଜ୍ଞାସୁ ବ୍ୟକ୍ତିମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ମଧ ରଖିଥିଲେ। ବାଲେଶ୍ୱର ପୌରପାଳିକାର ଅଧକ୍ଷା ଶ୍ରୀମତୀ ସୁଜାଦା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ ଯେ ଏଭଳି ସ୍ୱାସ୍ଥ୍ୟସଂପର୍କିତ ଆଲୋଚନାଚକ୍ର ବିଶେଷ କରି ମହିଳାମାନଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ। ଫକୀରମୋହନ କଲେଜ ପୁରାତନ ଛାତ୍ର ସଂସଦର ସାଧାରଣ ସଂପାଦକ ବିଷ୍ଣୁପ୍ରସାଦ ମହାନ୍ତି ଅତିଥିମାନଙ୍କୁ ମଞ୍ଚଆହ୍ୱାନ କରିବା ସହିତ କାର୍ଯ୍ୟକ୍ରମ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବାଲେଶ୍ୱରର ପ୍ରାକ୍ତନ ବିଧାୟକ ସ୍ୱର୍ଗତ ଗୋପନାରାୟଣ ଦାସଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ଡ. ଶିରୀଶ ଚନ୍ଦ୍ର ଜେନା, ସ୍ମୃତି ଦାସ, କଲ୍ୟାଣୀ ନନ୍ଦ, ଅରୁଣା ରାୟ, ଡ. ସାରଙ୍ଗଧର ତ୍ରିପାଠୀ, ଅନସୂୟା ନାୟକ, ଗୋପାଳ ଜେନା, କମଳାକାନ୍ତ ଦାଶ, ରମାକାନ୍ତ ମହାନ୍ତି, ସୁଭାଶିଷ ଦାସ, ଯଶୋଦାନନ୍ଦନ ଆଶ୍, ପ୍ରମିଳା ମିଶ୍ର, ଅକ୍ଷୟ ତ୍ରିପାଠୀ, ପୀତାମ୍ବର ଦାସ, ସୁକାନ୍ତି ଦାସ, ଚିତ୍ରାରାଣୀ ପାତ୍ର, ତ୍ରିଦିବ ନାୟକ, ରାମଚନ୍ଦ୍ର ସେଠୀ, ଦୀପକ ଦାସ, ରଂଜିତା ମହାନ୍ତି, ସନ୍ଧ୍ୟାରାଣୀ ଜେନା, ବାସନ୍ତୀ ଦେ, ଜ୍ୟୋତ୍ସ୍ନା ରାୟ, ସବିତାରାଣୀ ଦାସ, ପ୍ରଜ୍ଞା ପାରମିତା ନାୟକ, ଶାନ୍ତି ବିଶି, ମମତା ଦାସ, ମାନସୀ ନାୟକ, ଅନୁପମା ଜେନା, ପ୍ରଣିତା ମିଶ୍ର, ରାଜଶ୍ରୀ ପତି, ମିନତୀ ପାଢ଼ୀ, ମନାନୀ ମଲ୍ଲିକ, ଦୀପାରାଣୀ ମହାଳିକ, ଜ୍ୟୋତିପ୍ରସାଦ ସାହୁ, ଦୀପକ ମଲ୍ଲିକ, ମଦନ କୁମାର ବର୍ଦ୍ଧନ, ସୁଧାଂଶୁ ଶେଖର ଭୂୟାଁ, ବିଦ୍ୟାଧର ସାହୁ, ବେଣୁଧର ସାହୁ, ଗୋବିନ୍ଦ ପ୍ରସାଦ ସାହୁ, ଶରତ କୁମାର ମହାପାତ୍ର, ଅମୃତାଂଶୁ ପଟ୍ଟନାୟକ, ଶାନ୍ତିଲତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଙ୍କରେ କଳାକନା ବୁଲାଇଲେ ଦୁର୍ବୃତ୍ତ ଝରକା ଭାଙ୍ଗି ଲୁଟି ନେଲେ ଟଙ୍କା




ବସ୍ତା୧୯।୯(ନିପ୍ର): ରବିବାର ବିଳମ୍ବିତ ରାତିରେ ମୁକୁଳିସ ଷ୍ଟେଟ ବ୍ୟାଙ୍କର ପଛପଟ ଝରକା ତାଡି ବ୍ୟାଙ୍କରୁ ଲୁଟି ନେଲେ ଲକ୍ଷାଧିକ ଟଙ୍କା। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ଘଟଣାରୁ ପ୍ରକାଶ ବସ୍ତା ଥାନା ମୁକୁଳିସ ଷ୍ଟେଟ ବ୍ୟାଙ୍କରେ ଗତକାଲି ରବ୍ୱିାର ବ୍ୟାଙ୍କ ଛୁଟିଥିଲା ସେହି ସୁଯୋଗ ନେଇ ବିଳମ୍ବିତ ରାତ୍ରିରେ ଚୋରମାନେ ଲୋଟକରିବାରେ ସଫଳ ହୋଇଛନ୍ତି । ହେଲେ ସୋମବାର ଦିନ ୧୦ଟା ସମୟରେ ବ୍ୟାଙ୍କ ଖୋଲିଥିଲା। ବ୍ୟାଙ୍କ ଗେଟ ଖୋଲି ସମସ୍ତ କର୍ମଚାରୀ ଭିତରକୁ ଯାଇଥିଲେ। ଦେଖିବାକୁ ପାଇଥିଲେ ବ୍ୟାଙ୍କର ପଛପଟ ଝରକା ତାଡି କେହି ଦୁର୍ବୃତ୍ତ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛି। ଏବିଷୟରେ ବସ୍ତା ପୋଲିସକୁ ଖବର ଦିଆ ଯାଇଥିଲା । ଖବର ପାଇବସ୍ତା ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଜାରୀ ରଖିଛନ୍ତି। ତେବେ କେତେ ଟଙ୍କା ଏବଂ କଣ କଣ ଚୋରି ହୋଇଛି ତାହା ଜଣା ପଡିନାହିଁ।ତେବେ ପୋଲିସର ତଦନ୍ତ ପରେ ଘଟଣାର ପରଦାଫାସ ହେବ ବୋଲି ପୁଲିସପକ୍ଷରୁ କୁହାଯାଇଛି । ତେବେ ବ୍ୟାଙ୍କରେ କୌଣସି ରାତ୍ରି ଜଗୁଆଳି କିମ୍ବା ପୋଲିସର ପେଟ୍ରଲିଙ୍ଗ ବ୍ୟବସ୍ଥା ନ ଥିବାରୁ ଏହାର ସୁଯୋଗ ନେଇ ଦୃବୃର୍ତ୍ତ ଲୁଟ କରି ବାକୁ ସକ୍ଷମ ହୋଇଗନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

# ଘରୋଇ କ୍ଲିନିକରେ ଉତ୍ତେଜନା : ଡାକ୍ତର ଓ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

ଭଦ୍ରକ,୧୯/୦୯ (ନି.ପ୍ର): ରୋଗୀଙ୍କୁ ଭୁଲ ଇଞ୍ଜେକ୍ସନ ପାଇଁ ରୋଗୀ ମୃତ୍ୟୁ ହୋଇଥିବା ଅଭିଯୋଗ ନେଇ ଡାକ୍ତର ଓ କର୍ମଚାରୀଙ୍କୁ ଆକ୍ରମଣ । ସୂଚନାଯୋଗ୍ୟ ଯେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ଆରଡ଼ି ଛକ ଚେକ ଗେଟ ନିକଟରେ ଏକ ଘରୋଇ କ୍ଲିନିକରେ ଉତ୍ତେଜନା । କରଞ୍ଜଆଡ଼ିଆ ଗାଁର ଜଣେ ଶିଶୁଙ୍କର ସ୍ୱାସ୍ଥ୍ୟ ଖରାପ ଥିବାରୁ ଏହି ଘରୋଇ କ୍ଲିନିକକୁ ଆଣିଥିଲେ । ପରିବାର ଲୋକଙ୍କ କହିବାନୁଯାୟୀ, ସେଠାରେ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ହୋଇଥିଲେ । କିନ୍ତୁ ପରେ ଗୋଟିଏ ଇଞ୍ଜେକ୍ସନ ଦେବା ପରେ ହଟାତ ଅସୁସ୍ଥ ହୋଇଥିଲେ । କିଛି ସମୟ ମଧ୍ୟରେ ରୋଗୀଙ୍କର ମୃତ୍ୟୁ ହୋଇଥିଲା । ତେବେ ଭୁଲ ଇଞ୍ଜେକ୍ସନ ପାଇଁ ରୋଗୀ ମୃତ୍ୟୁ ଅଭିଯୋଗ ପରେ ଉତ୍ତେଜନା ଦେଖାଦେଇଥିଲା । ପରେ ଡାକ୍ତର ,ମେଡିକାଲ କର୍ମଚାରୀ ଓ ଡାକ୍ତରଙ୍କ ପରିବାର ଲୋକଙ୍କୁ ମଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି ।

# ଅନୁକୂଳଚନ୍ଦ୍ର ମନ୍ଦିରରେ ସତ୍‌ସଙ୍ଗ : ମାନବ ଜୀବନରେ ଈଶ୍ୱରାନୁଗତି ଏକାନ୍ତ ଅପରିହାର୍ଯ୍ୟ




ଜଳେଶ୍ୱର ୧୯/୯(ନି.ପ୍ର): ଜନ୍ମ ଓ ମୃତ୍ୟୁ ଧ୍ରୁବ ସତ୍ୟ ହୋଇଥିବା ବେଳେ ମାନବ ଜୀବନରେ ଈଶ୍ୱରାନୁଗତି ଏକାନ୍ତ ଅପରିହାର୍ଯ୍ୟ ବୋଲି ଶ୍ରୀଅନୁକୂଳ ଚନ୍ଦ୍ରଙ୍କ ମନ୍ଦିର ପରିସରରେ ଆୟୋଜିତ ସତ୍‌ସଙ୍ଗ ବୈଠକରେ ମତପ୍ରକାଶ ପାଇଛି । ଡ. ମୁରଲୀଧର ଦାସଙ୍କ ସଭାପତିତ୍ୱରେ ଦେଓଘରରୁ ଆସିଥିବା ଶ୍ରୀଧର ସୁନ୍ଦର ମିଶ୍ର ଅନୁକୂଳଚନ୍ଦ୍ରଙ୍କ ଚିନ୍ତା ଅନୁଚେତନା ଓ ମାର୍ଗ ସମ୍ପର୍କରେ କହିବା ସହିତ ଈଶ୍ୱରପ୍ରାପ୍ତି ପ୍ରତ୍ୟେକଙ୍କର ଧ୍ୟେୟ ହେବା ଉଚିତ ବୋଲି କହିଥିଲେ । କୀର୍ତ୍ତନ ଗୁରୁ ଅମିତାଭ ସାମନ୍ତରାୟ, ମହେଶ୍ୱର ନାୟକ, ଅନୁପମ ଚାନ୍ଦ, ବିବେକାନନ୍ଦ ରାୟ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ସତ୍‌ସଙ୍ଗ ଦ୍ୱାରା ମଣିଷ ମନରେ ଥିବା କୁସଂସ୍କାର, ଅନ୍ଧବିଶ୍ୱାସ, କପଟତା, ହିଂସା ପ୍ରଭୃତି ଦୂର ହୋଇଥାଏ ବୋଲି କହିଥିଲେ। ଅଧ୍ୟାପକ କେଦାର ଚନ୍ଦ୍ର ମହାନ୍ତି ସୂଚନା ଓ ଆଭିମୂଖ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରିତ୍ୱିକ ଗଣେଶଚନ୍ଦ୍ର ଜେନା, ପରିମଳ ଚନ୍ଦ୍ର ଭୂୟାଁ, ରାସବିହାରୀ ଚକ୍ରବର୍ତ୍ତୀ, ରତ୍ନାକର ପଣ୍ଡା, ବସନ୍ତ କୁମାର ସାହୁ, ପାର୍ଥସାରଥି ଘୋଷାଲ, ରତିକାନ୍ତ ବେହେରା, ବଙ୍କିମ ଚନ୍ଦ୍ର ପାଳ, ସୁଧିର କୁମାର ପରିଡା, ସଂଜୟ କୁମାର ପାତ୍ର ଓ ଚକ୍ରଧର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ବରଦା ଗ୍ରାମରୁ ଚୋରୀ

ଖଇରା।୧୯।୯(ନି.ପ୍ର) ବାଲେଶ୍ୱର ଜିଲା ସିମୁଳିଆ ଥାନା ଖଇରା ବ୍ଲକ ଅଧୀ ବରଦା ଗ୍ରାମର ଭଗବାନ ମଥାନଙ୍କ ଘରୁ ରବିବାର ରାତିରେ ଅନ୍ୟୁନ ୩ଲକ୍ଷ ଟଙ୍କାର ଅଳଙ୍କାର ଚୋରୀ ହୋଇ ଯାଇଥିବା ନେଇ ସିମୁଳିଆ ଥାନାରେ ଅଭିଯୋଗ ହୋଇଛି । ସମୁଳିଆ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଭଗବା ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ଧରି ଶ୍ୱଶୁର ଘରକୁ ଚାଲି ଯାଇଥିବା ବେଳେ ତାଙ୍କ ଅନୁପସ୍ଥିରେ ଦୁବୃତ୍ତ ମାନେ ପଛପଟ କବାଟ ଭାଙ୍ଗିବା ପରେ ଆଲମିରା ଭାଙ୍ଗି ସମସ୍ତ ଅଳଙ୍କାର ନେଇ ପଳାଇ ଥିବାର ଅଭିଯୋଗରେ ଉଲ୍ଲେଖ ହୋଇଛି ।

# ସାଧାରଣରେ ଚର୍ଚ୍ଚା : ଉଦଳା ରାଜନୀତିର ଚାଣକ୍ୟ ମନୋଜ କୁମାର ମହାନ୍ତି



ଉଦଳା,୧୯/୦୯ (ନି.ପ୍ର): ନିର୍ବାଚନ ପାଖେଇ ଆସୁଥିବା ବେଳେ ଉଦଳା ସହର ମଧ୍ୟରେ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷଙ୍କ କଥା ଚର୍ଚ୍ଚାର ପରିସରକୁ ଆସୁଛି । ଆଉ ସେହି ସବୁ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ନଗରପାଳ ମନୋଜ କୁମାର ମହାନ୍ତି ସମସ୍ତଙ୍କ ଠାରୁ ଆଗରେ ଅଛନ୍ତି । ରାଜନୀତି ଗୋଟି ଚାଳନାରେ ଶ୍ରୀଯୁକ୍ତ ମହାନ୍ତି ଏତେ ଧୁରନ୍ଧର ଯେ ସେଥିପାଇଁ ଲୋକେ ତାଙ୍କୁ ଉଦଳା ରାଜନୀତିର ଚାଣକ୍ୟ ବୋଲି କହିଥାନ୍ତି । ଉଦଳା, ବିଜ୍ଞାପିତ ଅଂଚଳ ଘୋଷିତ ହେବା ଦିନ ଠାରୁ ଥରେ ପ୍ରତ୍ୟକ୍ଷ ନିର୍ବାଚନ ଓ ଥରେ ପରୋକ୍ଷ ନିର୍ବାଚନରେ ବିଜୟୀ ହୋଇ ଶ୍ରୀଯୁକ୍ତ ମହାନ୍ତି ଦୁଇ ଥର ନଗରପାଳ ଆସନ ଅକ୍ତିଆର କରିବା ସହିତ ଦକ୍ଷତାର ସହିତ ନିଜର ଦାୟିତ୍ୱ ସମ୍ଭାଳିଥିଲେ । ବିଜ୍ଞାପିତ ଅଂଚଳ ପରିଷଦକୁ ଆସନ୍ତା ବର୍ଷ ୫୦ ବର୍ଷ ପୂରିବ । ତେବେ ମନୋଜ କୁମାର ମହାନ୍ତି ଏକମାତ୍ର ବ୍ୟକ୍ତି ଯିଏକି ବିଗତ ୫୦ ବର୍ଷ ମଧ୍ୟରେ ୨ ଥର ଉଦଳା ନଗରପାଳ ହେବାର ସୌଭାଗ୍ୟ ପାଇଛନ୍ତି। ବିଜୁ ଜନତା ଦଳର ଜଣେ ଆଗଧାଡ଼ିର ନେତା ଭାବରେ ସମଗ୍ର ଓଡ଼ିଶାରେ ତାଙ୍କର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ଏକଦା ଦଳ ତରଫରୁ ତାଙ୍କୁ ଦାୟିତ୍ୱ ମୁକ୍ତ କରଯିବା ସହିତ ନିଲମ୍ବିତ କରାଯାଇଥିଲା । ଏଥିରେ ସେ ବିଚଳିତ ହୋଇ ନଥିଲେ କିମ୍ବା ଅନ୍ୟ ଦଳକୁ ପଳାଇ ଯାଇନଥିଲେ । ସେଥର ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ବିଭିନ୍ନ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀଙ୍କୁ ଛିଡ଼ା କରିବା ସହିତ ନିଜେ ମଧ ସ୍ୱାଧୀନ ପ୍ରାର୍ଥୀ ଭାବରେ ଛିଡ଼ା ହୋଇଥିଲେ । ସେଥର ତାଙ୍କର ସମସ୍ତ ପ୍ରାର୍ଥୀଙ୍କୁ ସାଇକେଲ ଚିହ୍ନ ମିଳିଥିଲା । ଆଶ୍ଚର୍ଯ୍ୟ ଜନକ ଭାବରେ ସେଥର ନିର୍ବାଚନରେ ସବୁ ଯାକ ୱାର୍ଡରେ ବିଜୁ ଜନତା ଦଳକୁ ପରାଜୟର ମୁଖ ଦେଖିବାକୁ ପଡ଼ିଥିଲା । ଖୋଦ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକ ନିଜେ ଏଠାକୁ ନିର୍ବାଚନ ପ୍ରଚାରରେ ଆସି ମଧ ଏହାର କୌଣସି ପ୍ରଭାବ ପରିଲକ୍ଷିତ ହୋଇନଥିଲା । କିନ୍ତୁ ମନୋଜ କୁମାର ମହାନ୍ତିଙ୍କ ସମେତ ତାଙ୍କ ଟିମ୍‌ରେ ଥିବା ୫ ଜଣ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇ ଉଦଳାର ଏକ ନୂଆ ଇତିହାସ ସୃଷ୍ଟି କରିଥିଲେ। ପରେ ଏହି ସବୁ ଯାକ ସ୍ୱାଧୀନ ପ୍ରାର୍ଥୀ ମାନେ ବିଜୁ ଜନତା ଦଳରେ ସାମିଲ ହୋଇ ଦଳର ସମ୍ମାନ ରକ୍ଷା କରିଥିଲେ । ପରେ ମନୋଜ କୁମାର ମହାନ୍ତିଙ୍କୁ ନିଲମ୍ବିତ କରିବା ଦ୍ୱାରା ଦଳ କିପରି କ୍ଷତି ସହିଲା ତାହା ସମସ୍ତେ ବେଶ୍ ଭଲ ଭାବରେ ଅନୁଭବ କଲେ । ତେବେ ଆଗାମୀ ବିଧାନସଭା ନିର୍ବାଚନରେ ମନୋଜ କୁମାର ମହାନ୍ତି କେଉଁ ପ୍ରାର୍ଥୀଙ୍କୁ ସମର୍ଥନ କରିବେ ତାହା ଦେଖିବାକୁ ବାକି ରହିଛି । ସେ ଯେଉଁ ପ୍ରାର୍ଥୀଙ୍କୁ ଚାହିଁବେ ସେ ବିଜୁ ଜନତା ଦଳରୁ ଟିକଟ ପାଇବେ ଓ ନିର୍ବାଚନରେ ବିଜୟୀ ମଧ ହେବେ ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି । ମନୋଜ କୁମାର ମହାନ୍ତିଙ୍କ ରାଜନୈତିକ ଗୁଡ଼ି ଚାଳନାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo